**ବସ୍ତିରେ ମଦ ଗୋଦାମକୁ ବିରୋଧ**
ଭୁବନେଶ୍ୱର, (ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗର ବସ୍ତିରେ ମଦ ଗୋଦାମକୁ ଘୋର ବିରୋଧ କରାଯାଇଛି। ବସ୍ତିରେ ଜଣେ ବ୍ୟକ୍ତି ଏକ ଟ୍ରକ ଦେଶୀ ମଦ ଆଣି ରଖୁଥିବା ବେଳେ ବସ୍ତି ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବସ୍ତି ବାସିନ୍ଦା ଅନେକ ଦେଶୀମଦ ପେଟିକୁ ତଳେ କଚାଡି ଭାଙ୍ଗିଦେବା ସହ ଗାଡ଼ିକୁ ପୋଲିସ ଜିମା ଦେଇଛନ୍ତି। ସବୁଠାରୁ ବଡ କଥା ଉକ୍ତ ମଦ ସବୁ ଲକ୍‌ଡାଉନ୍ ସମୟରେ ବସ୍ତିରେ ବେପାର କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ବସ୍ତି ବାସିନ୍ଦା କହିଛନ୍ତି।

## ସଂକ୍ଷେପରେ

### ପାରୋଲରେ ଯିବେ ୬୦ବର୍ଷରୁ ଊର୍ଦ୍ଧ୍ୱ କଏଦୀ

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ କେତେକ ଜେଲରେ ସଂକ୍ରମଣ ବ୍ୟାପୁଥିବା ଦେଖିବାକୁ ମିଳିଛି। ଓଡ଼ିଶାରେ ଏବେ ବିଭିନ୍ନ ଜେଲରେ ୫୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏପରି ସ୍ଥଳେ ସଂକ୍ରମଣ ରୋକିବା ପାଇଁ ଗୁରୁବାର ଜେଲ ବିଭାଗ ପକ୍ଷରୁ ସମୀକ୍ଷା ହୋଇଛି। ଜେଲ ଭିତରେ କୋଭିଡ ନିୟମକୁ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦେବାକୁ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପ୍ରତି ଓଡ଼ିଶାର ମୋଟ ୮୭ଟି ଜେଲରେ ୧୯,୭୦୭ ବିଚାରାଧୀନ ଏବଂ ସଜା କାଟୁଥିବା କଏଦୀ ରହୁଥିବାବେଳେ ଏହି ସଂଖ୍ୟା ଆହୁରି କମାଇବା ପାଇଁ କୁହାଯାଇଛି। ଏଥିପାଇଁ ୭ ବର୍ଷରୁ କମ୍ ସଜା ଥିବା ଅଭିଯୁକ୍ତଙ୍କୁ ଜାମିନରେ ଛାଡ଼ିବାକୁ କୁହାଯାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କଏଦୀଙ୍କୁ ପାରୋଲରେ ଛାଡ଼ିବା ପାଇଁ ଅନୁମତି ଦିଆଯାଇଛି। ହାଇପାୱାର କମିଟି ପକ୍ଷରୁ ଜେଲ ଅଧୀକ୍ଷକଙ୍କୁ ଜାମିନରେ ଅବା ପାରୋଲରେ ଛାଡ଼ିବା ପାଇଁ ଗଠନ ହୋଇଥିବା ଅଣ୍ଡର ଟ୍ରାଏଲ ରିଭ୍ୟୁ କମିଟି (ୟୁଟିଆର୍‌ସି) ସହ ଯୋଗାଯୋଗ କରିବାକୁ କୁହାଯାଇଛି।

### ଶିଶୁପାଳଗଡ଼ ଐତିହ୍ୟ ଅଞ୍ଚଳ ସୁରକ୍ଷା ପାଇଁ ମାମଲା ରୁଜୁ

**ପୁରୁଣା ଭୁବନେଶ୍ୱର,୨୦।୫(ଡି.ଏନ୍.ଏ.):** ଶିଶୁପାଳଗଡ଼ ଐତିହ୍ୟ ଅଞ୍ଚଳରେ ବେଆଇନ ଭାବେ ଖନନ ଓ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହା ଉପରେ ରୋକ ଲଗାଇବାକୁ ଧଉଳି ଥାନା ପକ୍ଷରୁ ଆମ୍‌ସାର ଆକ୍ଟ ଉଲ୍ଲଂଘନ ନେଇ ୩୦ଏ ଅନୁଯାୟୀ ଏକ ମାମଲା (ନଂ.୮୦/୨୧)ରୁଜୁ ହୋଇଛି। ଏନେଇ ବେଆଇନ ନିର୍ମାଣକାରୀଙ୍କ ମଧ୍ୟରେ ଛନକା ପଶିଛି। ପ୍ରକାଶ ଯେ, ମହାଭୋଇଶାସନ ମୌଜାର ପ୍ଲଟ ନଂ. ୧୨୫'ଓ ୮୪ ଚକଭୁକ୍ତ ଚାଷଜମିରେ ଶିଶୁପାଳଗଡ଼ ରାମପାର୍ଟ ସଂଲଗ୍ନ ଜମିରେ ବେଆଇନ ନିର୍ମାଣ ଓ ଖନନ କାର୍ଯ୍ୟ ବନ୍ଦ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଜଣେ କର୍ମଚାରୀ ଆଡିଶନାଲ ଡିସିପିଙ୍କ ନିକଟରେ ସିଆରପିସି ୧୪୪ଧାରା ଲାଗୁ କରିବା ନିମନ୍ତେ ୪୮୦/୨୦ରେ ଏକ ମାମଲା କରିଥିଲେ। ପରେ ଧଉଳି ଥାନାର ତଦନ୍ତକାରୀ ଅଧିକାରୀ ଏପରି ବେଆଇନ ନିର୍ମାଣକୁ ଯଥାର୍ଥ ଦର୍ଶାଇ ରିପୋର୍ଟ ପ୍ରଦାନ କରିଥିଲେ। ଆମସାର ନିୟମକୁ ଉଲ୍ଲଂଘନ କରାଯାଇଥିବା ନେଇ ଆଇନଜୀବୀ ଅରୁଣ ମହାପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଂ.୫୪/୨୧ ଏକ ମାମଲା ରୁଜୁ କରିଥିଲେ। ଏନେଇ ମାନ୍ୟବର ହାଇକୋର୍ଟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଆଇନଜୀବୀ ମହାପାତ୍ର ଆଦେଶ ଅବମାନନା ନେଇ ପୁନଃ ହାଇକୋର୍ଟରେ ଏକ ମାମଲା ନଂ.୨୯୦୯/୨୧ ରୁଜୁ କରିଥିଲେ। ଏହାର ଶୁଣାଣି ପୂର୍ବରୁ ଡସିପିଙ୍କ ନର୍ଦ୍ଦେଶକ୍ରମେ ଧଉଳି ଥାନା ପକ୍ଷରୁ ଆନସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଅର୍କେ଼ାଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ ଆକ୍ଟ ୩୦ଏ ଅନୁଯାୟୀ ନଂ.୮୦/୨୧ରେ ଏକ ମାମଲା ରୁଜୁ ହୋଇଛି।

### ପ୍ରଶାସକ ଗୋପୀନାଥ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୦।୫:** ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ଆନୁକୂଲ୍ୟରେ ଏହାର ସଭାପତି ଦିବଂଗତ ପ୍ରାକ୍ତନ ପ୍ରଶାସକ ଗୋପୀନାଥ ମହାନ୍ତିଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ସଭାକୁ ସାଧାରଣ ସମ୍ପାଦକ ବିରାଜ ମୋହନ ଦାସ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଅଜୟ କୁମାର ମହାନ୍ତି ଓ ଯୁଗ୍ମ ସମ୍ପାଦକ ରଜତ କୁମାର ପାତ୍ର ସଭା ପରିଚାଳନାରେ ସହଯୋଗ କରିଥିଲେ। ମହାନ୍ତି ଜଣେ ସରଳ, ନିଷ୍କପଟ, ବନ୍ଧୁବତ୍ସଳ ସୁସାହିତ୍ୟିକ ଏବଂ ଦକ୍ଷ ପ୍ରଶାସକ ଥିଲେ ବୋଲି ବକ୍ତାମାନେ କହିଥିଲେ। ଦାମୋଦର ସେନାପତି ଭଜନ ପରିବେଷଣ କରିଥିଲେ। ବରିଷ୍ଠ ଲେଖକ ଦାଶବେନହୁର, ଉପଦେଷ୍ଟା ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ନିରଞ୍ଜନ ପଣ୍ଡା, ଲଲାଟେନ୍ଦୁ ଦାସମହାପାତ୍ର, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, କର୍ଣ୍ଣେଲ ଶରତ ମହାପାତ୍ର, ହରେକୃଷ୍ଣ ପାତ୍ର, ଚିତ୍ତରଞ୍ଜନ ପ୍ରଧାନ, ଅଦ୍ୱୈତ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗୋପୀନାଥଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଫେସର ସଂଘମିତ୍ରା ମିଶ୍ର, ଉପସଭାପତି ହରିପଦ ଶତପଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସାଇବର ଠକେଇ ଏକ ବଡ଼ ଚ୍ୟାଲେଞ୍ଜ

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**



- ଭାକ୍ସିନ୍ ଓ ସହାୟତା ନାମରେ ଚାଲିଛି ଠକେଇ
- କୋଭିଡ୍ ସର୍ଭେ ନାଁରେ ତଥ୍ୟ ହାସଲ କରୁଛନ୍ତି ଠକ
- ଅଜଣା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ, ଅର୍ଥ ଜନିତ ତଥ୍ୟ ଦିଅନ୍ତୁ ନାହିଁ: ଡିଜିପି

କରୋନା କାଳରେ ସାଇବର ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଇଛି। କରୋନାକୁ ନେଇ ଲୋକଙ୍କ ଭାବପ୍ରବଣ ଓ ଭୟର ଫାଇଦା ସାଇବର ଠକ ଉଠାଉଛନ୍ତି । ମୁଖ୍ୟତଃ ସୋସିଆଲ୍ ମିଡିଆରେ ଏବେ ଲୋକଙ୍କୁ ସାହାଯ୍ୟ କରିବାକୁ ଅନେକଗୁଡ଼ିଏ ଫେକ୍ ଚାରିଟି ବା ନକଲି ଦାତବ୍ୟ ସଂସ୍ଥା ଖୋଲାଯାଇଛି। କରୋନା ଯୋଗୁ ସାଧାରଣ ଗରିବ ଲୋକେ କିଭଳି ଭୋକ ଉପାସରେ ବଞ୍ଚୁଛନ୍ତି, ତାହାର ଦୁଃଖ ଭରା ଫଟୋ ଭିଡିଓ ଦେଖାଇ ସେମାନଙ୍କ ପାଇଁ ଟଙ୍କା ମାଗୁଛନ୍ତି। ଅନେକ ଲୋକ ଏହା ଦେଖିବା ପରେ ଭାବପ୍ରବଣରେ ସେମାନଙ୍କୁ ଟଙ୍କା ପଠାଉଛନ୍ତି। ତେଣୁ କୌଣସି ଦାତବ୍ୟ ସଂସ୍ଥାକୁ ଟଙ୍କା ଦାନ କରୁଥିଲେ, ସେ ସଂସ୍ଥା ସମ୍ପର୍କରେ ଭଲ ଭାବରେ ବୁଝନ୍ତୁ ବୋଲି ପୋଲିସ ଡିଜି ଅଭୟ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

୨୦୨୧ ନୂଆ ଯୁଗରେ ସାଇବର ଠକେଇ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ବୋଲି ଡିଜି ମତ ପ୍ରକାଶ କରିଛନ୍ତି। ଟିକାକରଣ ନାମରେ ସାଇବର ଠକମାନେ ଲୋକମାନଙ୍କୁ ଠକୁଥିବା ନଜରକୁ ଆସିଛି। ଭାକ୍ସିନ୍ ରେଜିଷ୍ଟ୍ରେଶନ୍ ପାଇଁ ସରକାରଙ୍କ ପକ୍ଷରୁ କୋୱିନ୍, ଆରୋଗ୍ୟ ସେତୁ ଓ ଉମଙ୍ଗ ଭଳି ୩ଟି ଆପ୍ଲିକେଶନ୍ ବ୍ୟବହାର କରାଯାଉଛି। ତେଣୁ ଅନ୍ୟ କୌଣସି ଆପ୍ଲିକେଶନ୍‌ରେ ରେଜିଷ୍ଟ୍ରେଶନ ନ କରିବାକୁ ଡିଜିପି କହିଛନ୍ତି। ଏଥିସହିତ କୋଭିଡ୍ ସର୍ଭେ ମାଧ୍ୟମରେ ସାଇବର ଠକ ଲୋକଙ୍କ ତଥ୍ୟ ଚୋରାଉଛନ୍ତି। ପରେ ଉକ୍ତ ତଥ୍ୟ ସାହାଯ୍ୟରେ ସେମାନଙ୍କ ନିକଟରୁ ଟଙ୍କା ଠକି ନେଉଛନ୍ତି। ତେଣୁ କୌଣସି ବି ଅଜଣା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ଓ ଅର୍ଥ ଜନିତ ତଥ୍ୟ ନ ଦେବାକୁ କୁହାଯାଇଛି। ଆଧୁନିକ ଯୁଗରେ ସାଇବର ଠକେଇ ଆହୁରି ମଧ୍ୟ ଫେକ୍ ଇ-କମର୍ସ ସାଇଟ, କରୋନା ମେଡିସିନ୍, ଭିଡିଓକଲ୍‌ର ଅଶ୍ଳୀଳ ଚାଟ୍ ଓ ପରେ ବ୍ଲାକ୍‌ମେଲିଂ, ମାଗଣା ଉପହାର ଆଦି ବିଭିନ୍ନ ଉପାୟରେ ସାଇବର ଠକମାନେ ଠକେଇ କରୁଛନ୍ତି। ସେସବୁ ସତର୍କତା ଅବଲମ୍ବନ କରିବା ସହ କୌଣସି କାର୍ଯ୍ୟ କରିବା ପୂର୍ବରୁ ସେ ସମ୍ବନ୍ଧରେ ଭଲ ଭାବେ ଯାଞ୍ଚ କରନ୍ତୁ ବୋଲି ଡିଜି ଅଭୟ ପରାମର୍ଶ ଦେଇଛନ୍ତି। ଔଷଧ କଳାବଜାର ନେଇ ଲୋକଙ୍କ ନିକଟରେ କୌଣସି ସୂଚନା ଥିଲେ ପୋଲିସକୁ ଜଣାନ୍ତୁ। ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି କରୋନା ସମୟରେ ଲୋକମାନେ ଘରେ ରହି ଫୋନ୍ ଓ ହ୍ୱାଟସ୍‌ଆପ୍ ମାଧ୍ୟମରେ ପୋଲିସକୁ ନିଜର ଅଭିଯୋଗ ଜଣାନ୍ତୁ ବୋଲି ଡିଜିପି କହିଛନ୍ତି। ଅନ୍ୟପକ୍ଷେ ବିଭିନ୍ନ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ଏପ୍ରିଲ୧୯ରୁ ରାଜ୍ୟର ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କଠାରୁ ୯କୋଟି ୮୪ ଲକ୍ଷ ୩୫ ହଜାର ୮୨୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ୮୩୧ଜଣଙ୍କୁ ଗିରଫ କରାଯାଇଛି। ୨,୧୮୦ ଦୋକାନ ସିଲ୍ କରାଯାଇଥିବାବେଳେ ୨୬,୧୪୬ ଗାଡ଼ି ଜବତ କରାଯାଇଛି ଏବଂ ୨,୫୦୩ ଅବକାରୀ ମାମଲା ରୁଜୁ କରାଯାଇଛି।




**କୋଭିଡ୍ କଟକଣାକୁ ଫୁ:** କଳ୍ପନା ଛକଠାରେ ଗୁରୁବାର ଏକ ଅଟୋରେ ମହିଳାମାନେ ସାମାଜିକ ଦୂରତ୍ୱ ନ ରଖି ଯାଉଛନ୍ତି।

# ରାଜଧାନୀରୁ ଆଉ ୧୧୨୦ ଆକ୍ରାନ୍ତ

**ଭୁବନେଶ୍ୱର, ୨୦।୫ (ବ୍ୟୁରୋ)**

- ଡୁମୁଡୁମାରୁ ସର୍ବାଧିକ ୫୦ ଚିହ୍ନଟ
- କୋଭିଡ୍ ନେଲା ୩ ଜୀବନ

ରାଜଧାନୀ ଭୁବନେଶ୍ୱରରେ ଗତ ୨୪ଘଣ୍ଟାରେ ୧୧୨୦ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫୯ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୯୬୧ ଜଣ ସ୍ଥାନୀୟ ସଂକ୍ରମିତ। ସର୍ବାଧିକ ୫୦ଜଣ ଆକ୍ରାନ୍ତ ଡୁମୁଡୁମା ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ସେହିପରି ପଟିଆରୁ ୪୦, ଲକ୍ଷ୍ମୀସାଗରରୁ ୩୪, ବରମୁଣ୍ଡାରୁ ୨୩, ଚନ୍ଦ୍ରଶେଖରପୁରରୁ ୨୫, ଜୟଦେବ ବିହାରରୁ ୧୯, ନିଳାଦ୍ରୀ ବିହାରରୁ ୨୩, ଝାରପଡାରୁ ୨୬, ମଞ୍ଚେଶ୍ୱରରୁ ୨୪, ବଡଗଡରୁ ୩୯, ନୟାପଲ୍ଲୀରୁ ୪୨, ଖଣ୍ଡଗିରିରୁ ୪୩, ଗଜପତି ନଗରରୁ ୧୪, ବାପୁଜୀ ନଗରରୁ ୧୧, ଭରତପୁରରୁ ୧୨, ପୁରୁଣା ଭୁବନେଶ୍ୱରରୁ ୪୨, ଭୀମଟାଙ୍ଗୀରୁ ୧୧, ଟଙ୍କପାଣି ରୋଡ୍‌ରୁ ୧୯, ଶିରିପୁରରୁ ୧୧, ୟୁନିଟ-୬ରୁ ୧୩, ପାତ୍ରପଡାରୁ ୨୦, ପୋଖରୀପୁଟରୁ ୧୬, ଶହୀଦ ନଗରରୁ ୧୭, ୟୁନିଟ-୮ରୁ ୨୦, ୟୁନିଟ-୯ରୁ ୧୩, ରସୁଲଗଡରୁ ୧୮, ସୁନ୍ଦରପଦାରୁ ୨୦, ଭିଏସ୍‌ଏସ୍ ନଗରରୁ ୧୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ୨୪ଘଣ୍ଟାରେ ୩ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୦୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ୯୨୮ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୫ହଜାର ୬୯୪ରେ ଥିବାବେଳେ ସେମାନଙ୍କ ମଧ୍ୟରୁ ୫୨ହଜାର ୮୩୯ ଜଣ ସୁସ୍ଥ ହୋଇଛନ୍ତି। ୧୨ହଜାର ୫୩୦ଜଣ ସଂକ୍ରମିତଙ୍କ ଚିକିତ୍ସା ଜାରି ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଖଣିଜ ପଦାର୍ଥ ଚୋରା କାରବାର: ୫ ଗିରଫ

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

**ଏସ୍‌ଟିଏଫ୍‌ର ଚଢ଼ାଉ**

ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରୁ ଖଣିଜ ପଦାର୍ଥ ଚୋରି କରୁଥିବା ଏକ ର୍ୟାକେଟକୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଧରିଛି। ବୁଧବାର ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ବିପୁଳ ପରିମାଣର ଖଣିଜ ପଦାର୍ଥ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୩୦ ଟନ ଚୋରା ହାର୍ଡ କୋକ୍, ୫ଟନ ଫେରୋକ୍ରୋମ୍, ୪୫ ଟନ ଷ୍ଟିମ କୋକ୍, ୩ ଟନ ଲୁହାପ୍ଲେଟ, ୭ଟନ ଲୁହାରଡ୍ ଜବତ କରାଯାଇଛି। ଏଥିସହ ଏଥିରେ ବ୍ୟବହୃତ ୪ଟି ଷ୍ଟିମ କୋକ ଓ ଆଇରନ ପ୍ଲେଟ ଭର୍ତ୍ତି ୧୪ଚକିଆ ଟ୍ରକ, ଦୁଇଟି ଜେସିବି, ଗୋଟିଏ ହାଇୱା ଟ୍ରକ ଜବତ ହୋଇଛି। ତେବେ ଏହି ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ଏସଟିଫ୍ ଅଧିକ ଖୋଳତାଡ଼ ଜାରି ରଖିଛି। ଏହି ର୍ୟାକେଟର ସଦସ୍ୟମାନେ ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କାର ଖଣିଜ ପଦାର୍ଥ ଚୋରି କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ।

### ଡିଆରଏମ୍ ସଂସ୍ଥାର ଏମ୍‌ଡି ଗିରଫ

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ଜାଗା ନେଇ ଡିଆର୍‌ଏମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ନାମକ ଘରୋଇ ସଂସ୍ଥା ଆପାର୍ଟମେଣ୍ଟ ତିଆରି କରିଥିଲା। ଲାଭାଂଶର ୩୫ ପ୍ରତିଶତ ଜାଗା ମାଲିକଙ୍କୁ ଦେବାକୁ ଚୁକ୍ତି ହେଇଥିଲା। ହେଲେ ଆପାର୍ଟମେଣ୍ଟ ତିଆରି ପରେ ଜାଗା ମାଲିକଙ୍କୁ କିଛି ଟଙ୍କା ଦେଇ ନ ଥିଲା। ଏପରି କି ଜାଗା ମାଲିକଙ୍କ ଭାଗରେ ଥିବା ଫ୍ଲାଟକୁ ଅନ୍ୟମାନଙ୍କୁ ବିକି ୩ କୋଟି ୬୬ଲକ୍ଷ ଠକି ନେଇଥିଲା। ଏହି ଘଟଣାରେ କ୍ରାଇବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଉକ୍ତ ସଂସ୍ଥାର ଏମ୍‌ଡି ଧ୍ରୁବ ଚରଣ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ଧ୍ରୁବଙ୍କ ପୁଅ ଅର୍ଥାତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଧୃତି ରଞ୍ଜନ ମହାନ୍ତି ଗିରଫ ହୋଇଥିଲେ। ଏନେଇ ଇଓଡବ୍ଲ୍ୟୁ ଆଇପିସି ଦଫା ୧୨୦-ବି, ୪୨୦, ୪୬୭, ୪୭୧,୪୬୮ ଏବଂ ଓପିଆଇଡି ଆକ୍ଟ-୨୦୧୧ ସେକ୍ସନ ୬ରେ ଏକ ମାମଲା(୧୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# କ୍ୟାପିଟାଲ ହସ୍ପିଟାଲ ପୂରାଇଲାନି, ରାସ୍ତାରେ ଲାଗିଲା ଅକ୍ସିଜେନ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

**ସ୍ୱାସ୍ଥ୍ୟାବସ୍ଥାର ନଗ୍ନଚିତ୍ର**

କରୋନା କାଳରେ ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଉଥିବା କହି ରାଜ୍ୟ ସରକାର ବାହାବା ନେଉଛନ୍ତି। ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଜଣେ ଗୁରୁତର ରୋଗୀଙ୍କୁ କୋଭିଡ୍ ପରୀକ୍ଷାର ଆଳ ଦେଖାଇ ରାଜଧାନୀର ପ୍ରମୁଖ କ୍ୟାପିଟାଲ ହସ୍ପିଟାଲ ନିରାଶ କରିବା ପରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ରୋଗୀଙ୍କୁ ରାସ୍ତା ଉପରେ ଅକ୍ସିଜେନ ଦିଆଗଲା। ଅକ୍ସିଜେନସ୍ତର ବଢ଼ିବା ପରେ ରୋଗୀ ଜଣକ ଘରକୁ ଫେରିଛନ୍ତି। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନିରାକାରପୁରରୁ ୬୫ବର୍ଷୀୟ ପଠାଣି ଜେନାଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା। କିନ୍ତୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ନ ଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ତାଙ୍କୁ ସୁଯୋଗ ମିଳିଲାନି। ଧୀରେ ଧୀରେ ପଠାଣିଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ଏପରି କି ଅକ୍ସିଜେନ ସ୍ତର ୭୦ରେ ପହଞ୍ଚି ଯାଇଥିଲା। ଏହି ସମୟରେ ଦେବଦୂତ ସାଜି ଏକ ସାମାଜିକ ସଂସ୍ଥାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ଗାଡି ଭିତରେ ପଠାଣିଙ୍କ ଠାରେ ଅକ୍ସିଜେନ ଲାଗିଥିଲା। ଅକ୍ସିଜେନ ଲାଗିବାର କିଛି ମୁହୂର୍ତ୍ତ ପରେ ଅକ୍ସିଜେନ ସ୍ତର ବଢ଼ିଥିଲା। ପରେ ରୋଗୀ ଜଣକ ନିଜ ଗାଁକୁ ଫେରି ଯାଇଥିଲେ। ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଗୁରୁବାର ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ଲକଡାଉନ ପାଇଁ ଗାଡି ଚଳାଚଳ ବନ୍ଦ ଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ରତ୍ନାକର ପ୍ରଧାନ(୩୮) ୩୧୬ ନମ୍ବର ଜାତୀୟ ରାଜପଥର ଉତ୍ତରା ଛକ ନିକଟସ୍ଥ କୌଶଲ୍ୟାଗଙ୍ଗ ଅଞ୍ଚଳରେ ପଡ଼ି ରହିଥିଲେ। ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ସେ ରାସ୍ତା ପାଖରେ ବସି ରହିଥିଲେ। କ୍ରିଷନ କୁମାର ତାଙ୍କୁ ଦେଖି ସେଠାରୁ ଉଦ୍ଧାର କରି ନିଜ ଗାଡ଼ିରେ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ଏହି ସମୟରେ କ୍ରିଷନ୍ କୁମାର ପୁରୀରୁ ଭୁବନେଶ୍ୱର ଫେରୁଥିଲେ। ବାଟରେ ରତ୍ନାକରଙ୍କୁ ଦେଖି ତାଙ୍କୁ ତୁରନ୍ତ ସାଙ୍ଗରେ ଆଣିବା ସହ କ୍ୟାପିଟାଲ ମେଡିକାଲରେ ଭର୍ତ୍ତି କରିଥିଲେ।

# ବିଦ୍ୟୁତ୍ ଲାଇନ୍ ପାଇଁ ଗଣ୍ଡଗୋଳ: ଜଣେ ମୃତ

**ବାଙ୍କୀ, ୨୦।୫(ସ୍ୱ.ପ୍ର.)**

ଡମପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ତଳଶବର ସାହିର କୋଠଘରୁ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ବ୍ୟବହାର କରାଯିବାକୁ ନେଇ ଗଣ୍ଡୋଗୋଳ ଘଟି ଜଣେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ନେଇଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦପୁରର ବିମଳୀ ପ୍ରଧାନ (୫୦)। ଏହାପରେ ପରିବାର ଲୋକେ ମୃତଦେହକୁ ନେଇ ଗ୍ରାମର ଶବର ସାହି ବିଦ୍ୟାଳୟରେ ଆଣି ରଖିଥିଲେ। ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁଙ୍କ ଠାରୁ ଖବରପାଇ ତାଳବସ୍ତ ଫାଣ୍ଡି ଅଧିକାରୀ ଆର୍ତ୍ତବନ୍ଧୁ ସେଠୀ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଫାଣ୍ଡିରେ ମାମଲା (ନଂ.୧୪୨/୨୧) ରୁଜୁ କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଡମପଡ଼ାର ଗନ୍ଧର୍ବ ସାହୁ ଉକ୍ତ କୋଠଘରୁ ବିଦ୍ୟୁତ୍ ଲାଇନ୍ ନେଇ ନିଜ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏହାକୁ ବିମଳୀ ଓ ସାହିର ଅନ୍ୟ ଲୋକେ ବିରୋଧ କରୁଥିଲେ। ଏନେଇ ବୁଧବାର ସନ୍ଧ୍ୟାରେ ବିମଳୀଙ୍କ ସହ ଗନ୍ଧର୍ବ ଓ ତାଙ୍କ ୨ପୁଅ ଗଣ୍ଡଗୋଳ କରିଥିଲେ। ଏଥିରେ ବିମଳୀ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ନେଇ ଘରେ ରଖିଥିଲେ। ଗୁରୁବାର ଅବସ୍ଥାରେ ଉନ୍ନତି ନ ହେବାରୁ ଜଣେ ଘରୋଇ ଡାକ୍ତରଙ୍କ ପରାମର୍ଶକ୍ରମେ ଅଲଟ୍ରାସାଉଣ୍ଡ କରିବାକୁ ବିମଳୀଙ୍କୁ ଖୋର୍ଦ୍ଧା ନେଉଥିବାବେଳେ ବାଟରେ ମୃତ୍ୟୁ ଘଟିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କୁ କରୋନା

**ଭୁବନେଶ୍ୱର, ୨୦।୫ (ବ୍ୟୁରୋ)**

ଜଣାଶୁଣା କଣ୍ଠଶିଳ୍ପୀ ତପୁ ମିଶ୍ର ଗତ କିଛିଦିନ ହେବ କରୋନାରେ ଆକ୍ରାନ୍ତ ଅଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଭିଡ୍ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ତପୁଙ୍କ ପରିବାର ପକ୍ଷରୁ କୌଣସି ସୂଚନା ମିଳି ନ ଥିବାବେଳେ ଫେସ୍‌ବୁକ୍ ଆକାଉଣ୍ଟ ଓ ଟୁଇଟରରେ ଏହି ମେସେଜ୍ ଘୂରିବୁଲୁଛି। ଫେସ୍‌ବୁକ୍ ଆକାଉଣ୍ଟରେ ଏହି ଖବର ଟ୍ୟାଗ୍ କରି ତାଙ୍କର ଅସଂଖ୍ୟ ପ୍ରଶଂସକ ତପୁଙ୍କ ଆଶୁ ଆରୋଗ୍ୟ ପାଇଁ କାମନା କରିଛନ୍ତି।

### ସ୍କୁଲ ବସ୍‌ରୁ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଅଞ୍ଚଳରୁ ଏକ ସ୍କୁଲ ବସ୍ ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରୁଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ପ୍ରାଥମିକ ତଦନ୍ତରୁ ମୃତ ବ୍ୟକ୍ତି ଜଣକ ଜଣେ ବୁଲା ଭିକାରୀ ବୋଲି ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି। ସ୍କୁଲ୍ ବନ୍ଦ ଥିବାରୁ ଦୀର୍ଘଦିନ ହେବ ବସ୍‌ଗୁଡ଼ିକ ସେଠାରେ ପଡ଼ିରହିଛି। ବ୍ୟକ୍ତି ଜଣକ ସେଠାରେ ଆଶ୍ରୟ ନେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଅମାନିଆଙ୍କୁ ଅଟକାଇ କନଷ୍ଟେବଳ ଆହତ

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**



କାଳନ୍ଦୀ ବାରିକ

ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ରାଜଧାନୀରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଏଭଳିସ୍ଥିତିରେ ଗୁରୁବାର ବାଣୀବିହାର ଛକରେ ଜଣେ ଅମାନିଆଙ୍କୁ ଅଟକାଇବାକୁ ଯାଇ ଶହୀଦନଗର ଥାନାର କନଷ୍ଟେବଳ କାଳନ୍ଦୀ ବାରିକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷେ ବ୍ୟକ୍ତି ଜଣକ ଦୁର୍ଘଟଣା ପରେ ବୋଲେରୋ ନେଇ ଖସି ପଳାଉଥିବା ବେଳେ ତାଙ୍କୁ ପିଛା କରି ପୋଲିସ ଅଧାବାଟରେ ଧରିଥିଲା। ପୋଲିସ ଉକ୍ତ ବୋଲେରୋକୁ ଜବତ କରିବା ସହ ଡ୍ରାଇଭରଙ୍କଠାରୁ ଜରିମାନା ଆଦାୟ ପରେ ଛାଡ଼ିଛି। ସୂଚନା ଅନୁଯାୟୀ, ବାଣୀବିହାର ଛକରେ କନଷ୍ଟେବଳ କାଳନ୍ଦୀ ଡ୍ୟୁଟି କରୁଥିଲେ। ଅପରାହ୍ନ ପ୍ରାୟ ୪ଟାରେ ମାଷ୍ଟରକ୍ୟାଣ୍ଟିନ ଆଡୁ ପାସେଞ୍ଜରଙ୍କୁ ନେଇ ଆସୁଥିବା ଏକ ବୋଲେରୋକୁ ଯାଞ୍ଚ ପାଇଁ ଅଟକାଇଥିଲେ। ମାତ୍ର ଡ୍ରାଇଭର ଜଣକ ନ ଅଟକି ବୋଲେରୋକୁ ନେଇ ପଳାଇଯାଉଥିବା ସମୟରେ କାଳନ୍ଦୀଙ୍କ ହାତ ଗାଡିର ପଛ କ୍ୟାବିନରେ ଚାପି ହୋଇଯାଇଥିଲା। ଫଳରେ ବୋଲେରୋ ସହ କାଳନ୍ଦୀ ତଳେ ଘୋଷାଡି ହୋଇ କିଛି ବାଟ ଚାଲିଯାଇଥିଲେ । ଏଥିରେ କାଳନ୍ଦୀଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ କାନ୍ଧରେ ଆଘାତ ଲାଗିଥିଲା। ଏତିକି ବେଳେ କାଳନ୍ଦୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ବୋଲେରକୁ ଅଟାକାଇବା ପାଇଁ ଗୋଡାଇ ଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ପଳାଶୁଣି ରାସ୍ତାରେ ବୋଲେରୋକୁ ଅଟକାଇ ଡ୍ରାଇଭରଙ୍କୁ ଥାନାକୁ ଆଣିଥିଲେ। ଡ୍ରାଇଭର ଜଣକ ନିଜ ଭୁଲ ସ୍ୱୀକାର କରିବାରୁ ପୋଲିସ ଜରିମାନା ଆଦାୟ କରିବା ସହ ତାଙ୍କୁ ଛାଡିଥିଲା।

**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
**Cuttack (District) Phone : 0671-2507744**
**District Web site : www.cuttack.nic.in**

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-**
**District Manager,**
**OSCSC Ltd, Cuttack**

OCPL Odisha Coal and Power Limited

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
**Zone-A, Ground Floor, Fortune Towers, Chandrasekharpur,**
**Bhubaneswar – 751023, Odisha., Tel No: 0674-2300654 /2300664**

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

**Sd./- Addl. General Manager (C&CA)**

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ମେ, ୨୦୨୧



## ରାଜସ୍ୱ ରଥ ଉଦ୍‌ଘାଟିତ

**କଣ୍ଟାପଡା,(ଡି.ଏନ.ଏ.):** କରୋନା ସମୟରେ ଜନସାଧାରଣ ତହସିଲ ଅଫିସରେ ଭିଡ ନ ଜମାଇ ଘରେ ରହି ସେବା ପାଇବା ଉଦ୍ଦେଶ୍ୟରେ କଣ୍ଟାପଡା ତହସିଲ ପକ୍ଷରୁ ରାଜସ୍ୱ ରଥ ଉଦ୍‌ଘାଟିତ ହୋଇଯାଇଛି। କଣ୍ଟାପଡା ତହସିଲ ଅଫିସ ପରିସରରେ ଏହି ରଥକୁ ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ରଥ କଣ୍ଟାପଡା ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ସର୍କଲରେ ବୁଲି ଲୋକଙ୍କ ଘରକୁ ଯାଇ ସେମାନଙ୍କୁ ରାଜସ୍ୱ ସେବା ଯୋଗାଇବ। ଏହି ରଥ କଣ୍ଟାପଡା ରାଜସ୍ୱ ସର୍କଲରେ କାର୍ଯ୍ୟ ଆରମ୍ଭ କରିଛି।

# ନଦୀବନ୍ଧ ସୁଦୃଢ଼ୀକରଣକୁ ଗୁରୁତ୍ୱ

**କଟକ ଅଫିସ, ୨୦।୫**

### ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ।

- ୨୬ ପାୱାର ବୋଟ୍, ୧୨୭ ଦେଶୀଡଙ୍ଗା ମହଜୁଦ
- ମେ ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲୁ ରହିବ ନିୟନ୍ତ୍ରଣ କକ୍ଷ

ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଭର୍ଚୁଆଲ ମୋଡରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ନଦୀବନ୍ଧ ମରାମତି ଏବଂ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆଠଗଡ଼ରେ ଥିବା ସାପୁଆ ନଦୀବନ୍ଧର ମରାମତି ଓ ନଦୀ ନିକଟରେ ଥିବା ଜନବସତିକୁ କିପରି ସମ୍ଭାବ୍ୟ ବନ୍ୟାରୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଦ୍ୟୁତ୍ ଯୋଗାଣ କିପରି ବ୍ୟାହତ ନ ହେବ, ସେଥିପ୍ରତି ବିଶେଷ ଧ୍ୟାନଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ଚଳିତବର୍ଷ ମୌସୁମୀ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସତର୍କତା ସହିତ କାର୍ଯ୍ୟ ପରିଚାଳନା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଜିଲାରେ ୨୬ ପାୱାର ବୋଟ୍ ମହଜୁଦ ଥିବାବେଳେ ଅଧିକ ୭୮ ପାୱାର ବୋଟ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୨୭ ଦେଶୀଡଙ୍ଗା ମହଜୁଦ ଥିବାବେଳେ ଅଧିକ ୧୪୧ ଦେଶୀ ଡଙ୍ଗା ବିଡିଓମାନେ ନିଜ ଅଞ୍ଚଳର ଘାଟରେ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ସମୟରେ ଜିଲାର ଦୁର୍ଗମ ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ ୪୦,୦୦୦ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ, ୨୬,୦୦୦ ଲିଟର କିରୋସିନ ମହଜୁଦ ରହିଛି। ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ମେ ୧ ତାରିଖରୁ ନଭେମ୍ବର ୩୦ ପର୍ଯ୍ୟନ୍ତ କଟକ ମହାନଗର ନିଗମ, ସମସ୍ତ ଉପଖଣ୍ଡ, ବ୍ଲକ, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳଗୁଡିକରେ ନିୟନ୍ତ୍ରଣ କକ୍ଷ ଚାଲୁ ରଖିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା, ମରୁଡିରେ କ୍ଷୟକ୍ଷତି ହୋଇଥିବା ଫସଲର ଉପଯୁକ୍ତ ଆକଳନ ତଥା ଚାଷୀମାନଙ୍କ ସବ୍‌ସିଡି ଠିକ୍ ସମୟରେ ଯୋଗାଇ ଦେବା ପାଇଁ କୃଷି ବିଭାଗ ଉପନିର୍ଦ୍ଦେଶକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମହମ୍ମଦ ମୋକିମ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ଅମ୍ବର କୁମାର କର, ସମସ୍ତ ଉପଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସମସ୍ତ ବିଡିଓ, ନିର୍ବାହୀଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାରୁ ୧୧୦୭ କରୋନା ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୨୦।୫:** କଟକ ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଗୁରୁବାର ଜିଲାରେ ୧୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫୫୧ ଜଣ କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳ ଓ ୫୫୬ ଜଣ ଗ୍ରାମାଞ୍ଚଳର ଅଛନ୍ତି। କିଛିଦିନ ବ୍ୟବଧାନ ପରେ ଗୁରୁବାର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୦ ପାର କରିଛି। ଶନିବାର ଜିଲାରେ ୧୧୯୭ ଜଣ, ରବିବାର ୮୭୦, ସୋମବାର ୯୭୩, ମଙ୍ଗଳବାର ୭୩୧, ବୁଧବାର ୮୬୭ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଅନ୍ୟପକ୍ଷରେ ଗୁରୁବାର ଜିଲାରେ ୭୧୮ ଓ ସିଏମ୍‌ସି ଅଞ୍ଚଳରେ ୩୭୬ ଜଣ ସୁସ୍ଥ ହୋଇଛନ୍ତି।

### ଶାଗୁଆନ କାଠ ଜବତ, ଜଣେ ଗିରଫ

**ଚୌଦ୍ୱାର,୨୦।୫(ଡି.ଏନ.ଏ.):** ସ୍ଥାନୀୟ ମଣ୍ଡାପଡ଼ା ଗ୍ରାମର ବାଇଧର ବେହେରାଙ୍କ ଘର ଉପରେ ଗୁରୁବାର ସନ୍ଧ୍ୟାରେ ଚୌଦ୍ୱାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୩ ଖଣ୍ଡ ଶାଗୁଆନ କାଠ ଜବତ କରାଯାଇଛି। ଏହି ଘଟଣାରେ ବାଇଧରଙ୍କୁ ଗିରଫ କରାଯାଇଛି। ବାଇଧର ଘରେ ଚୋରା ଶାଗୁଆନ କାଠ ରଖିଥିବା ଖବର ମିଳିବା ପରେ ବନ ବିଭାଗ ଚଢ଼ାଉ କରିଥିଲା। ଜବତ କାଠକୁ ଚୌଦ୍ୱାର ବନ ବିଭାଗ କାର୍ଯ୍ୟାଳୟରେ ରଖା ଯାଇଥିବା ବନପାଳ ମନୋରମା ହୋତା ସୂଚନା ଦେଇଛନ୍ତି।

### କ୍ୟାରିୟର ଇନ୍ ସାଇକୋଲୋଜି ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୨୦।୫:** କଟକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ 'କ୍ୟାରିୟର ଇନ୍ ସାଇକୋଲୋଜି' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଇମୋମାଟ୍ରିକ୍ସର ନିର୍ଦ୍ଦେଶକ ସୁଭେନ କୁମାର ଯୋଗଦେଇଥିଲେ। ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡା. ଝୁମୁକି ରଥ ଏଥିରେ ପୌରୋହିତ୍ୟ କରିଥିବାବେଳେ ପ୍ରଫେସର ଯୋଗମାୟା ପଣ୍ଡା ଓ ବିଜୟ କୁମାର ବେହେରା ପରିଚାଳନା କରିଥିଲେ। ବିକାଶ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ବ୍ୟବସାୟୀଙ୍କ ପରଲୋକ

ଭୁବନେଶ୍ୱର, ୨୦।୫(ବ୍ୟୁରୋ): ପୋଖରୀପୁଟ ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ଶିବ ଶେଖର ମହାନ୍ତିଙ୍କ ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସି ନ ଥିଲା। ଫଳରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେ ସିକିଲ ସେଲ୍ ରୋଗରେ ମଧ୍ୟ ପିଡ଼ୀତ ଥିବା କୁହାଯାଉଛି। ତାଙ୍କ ସହଧର୍ମିଣୀ ତଥା ବିଜେଇଏମ୍ ସ୍କୁଲର ଶିକ୍ଷୟିତ୍ରୀ କାରୁବାକି ସାମନ୍ତରାୟ, ଦୁଇ ଝିଅ ପୁଣ୍ୟଶିଳା ମହାନ୍ତି ଓ ଦିବ୍ୟଶିଳା ମହାନ୍ତି ଅଛନ୍ତି। ନିମାପଡ଼ା ଅଞ୍ଚଳର ସ୍ୱର୍ଗତ ଶିବଶେଖର ଭୁବନେଶ୍ୱରରେ ରହୁଥିଲେ ଏବଂ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସମ୍ପୃକ୍ତ ଥିଲେ।

### ଓକିଲ ସଂଘ ପୂର୍ବତନ ସଭାପତିଙ୍କ ପରଲୋକ

**ବାଙ୍କୀ, ୨୦।୫(ସ୍ୱ.ପ୍ର.):** ବାଙ୍କୀ ଓକିଲ ସଂଘ ପୂର୍ବତନ ସଭାପତି ଗଗନ ବିହାରୀ ପଣ୍ଡା(୭୬)ଙ୍କ ଗୁରୁବାର ବେଦପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। କିଛିଦିନ ତଳେ ଦୁର୍ଘଟଣାରେ ଆହତ ହୋଇ ସେ ଶଯ୍ୟାଶାୟୀ ଥିଲେ। ପରେ ବ୍ରେନଷ୍ଟ୍ରୋକ୍ ହେବାରୁ ସେ କୋମାରେ ଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବା ସହ ମୃତ୍ୟୁ ଘଟିଥିଲା।



ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପଣ୍ଡା ବାଙ୍କୀ ଏନ୍‌ଏସିର ପୂର୍ବତନ କାଉନସିଲର, ଗୃହନିର୍ମାଣ ସେବା ସମବାୟ ସମିତିର ସଭାପତି, ବାଙ୍କୀ ଭୂବନ୍ଧକ ବ୍ୟାଙ୍କର ନିର୍ଦ୍ଦେଶକ, ବାଙ୍କୀ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବାଙ୍କୀ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ, ସମ୍ପାଦକ ବିଶ୍ୱଜିତ୍ ପଣ୍ଡା, ଉପସଭାପତି ସନ୍ତୋଷ କୁମାର ରଣା, ସହ ସମ୍ପାଦକ ସୁବାଶିଷ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାମଗ୍ରୀ କିଣିବାକୁ ମାଲଗୋଦାମରେ ଭିଡ଼



ବାଇକ୍, ଟ୍ରଲିରେ ଲୋକମାନେ ସାମଗ୍ରୀ ନେଉଛନ୍ତି।

**କଟକ ଅଫିସ,୨୦।୫**

### ଲୋକଙ୍କୁ ବାତ୍ୟା ଭୟ

ଉତ୍ତର ଆଣ୍ଡାମାନ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ୟାସ' ଭୟଙ୍କର ହୋଇପାରେ। ଏହା ଆସନ୍ତା ୨୬ରେ ଓଡ଼ିଶା ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏହି ବାତ୍ୟାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଆଗକୁ ସାମଗ୍ରୀ ନ ମିଳିବା ଆଶଙ୍କାରେ ଲୋକମାନେ ଅଧିକ ସାମଗ୍ରୀ କିଣି ଗଚ୍ଛିତ ରଖିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ଗୁରୁବାର ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲଗୋଦାମରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। କିଏ ଦୁଇଚକିଆ ଗାଡ଼ିରେ ତ ଆଉ କିଏ ଟ୍ରଲିରେ ବିଭିନ୍ନ ସାମଗ୍ରୀ ବୋହି ନେଉଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ମାଲଗୋଦାମକୁ ସାମଗ୍ରୀ କିଣିବା ପାଇଁ ଆସିଥାନ୍ତି। ଯଦି ଏପରି ପରିସ୍ଥିତି ଲାଗିରୁହେ ତା'ହେଲେ ଅଭାବୀ ବିକ୍ରି ସହ କଳାବଜାର ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ କଟକ ବଣିକ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର କହିଛନ୍ତି, ଲୋକମାନେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ମାଲଗୋଦାମରେ ପର୍ଯ୍ୟାପ୍ତ ପରିମାଣର ସାମଗ୍ରୀ ମହଜୁଦ୍ ରହିଛି। କଳାବାଜାରି ଓ ଅଭାବୀ ବିକ୍ରି ଯେପରି ନ ହୁଏ ସେଥିପାଇଁ କଟକ ବଣିକ ସଂଘ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଅସହାୟ, ନିରାଶ୍ରୟଙ୍କୁ ସହାୟତା

**ଭୁବନେଶ୍ୱର,୨୦।୫**

କରୋନା ମହାମାରୀର ୨ୟ ଲହରରେ ସଂକ୍ରମଣକୁ ଆଖିଆଗରେ ରଖି ସାରା ଓଡ଼ିଶାରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଭଳି କଟକଣା ଜାରି କରାଯାଇଛି। ଏଭଳି ସ୍ଥିତିରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବହୁ ଅସହାୟ ଓ ନିରାଶ୍ରୟ ଖାଦ୍ୟ ଟିକେ ନ ପାଇ କଷ୍ଟରେ ଦିନ କାଟୁଛନ୍ତି। ଏଭଳି ନିରାଶ୍ରୟଙ୍କ ପାଇଁ ସାହାରା ପାଲଟିଛନ୍ତି ୟୁନିଟ୍-୪ ଅଞ୍ଚଳରେ ରହୁଥିବା 'ଅମ୍ବର ହୋଟେଲ'ର ପରିବାର। ଏହାର ମାଲିକ ପ୍ରଦୀପ୍ତ ଦାସ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ହେବ ସହରର ପ୍ରମୁଖ ନିରାଶ୍ରୟ ଓ ଅସହାୟଙ୍କ ଆଶ୍ରୟାଞ୍ଚଳ ଯଥା ରାମମନ୍ଦିର ଛକ, ବାଣୀବିହାର ଛକ, ମାଷ୍ଟର କ୍ୟାଣ୍ଟିନ, ବରମୁଣ୍ଡା, ଖଣ୍ଡଗିରି, ରସୁଲଗଡ, ଧାରଣା ମଇଦାନ ଓ ୟୁନିଟ୍ ୬ ମେଡିକାଲ ଭଳି ଅନେକ ଅଞ୍ଚଳରେ ରନ୍ଧାଖାଦ୍ୟ (ଭାତ, ଡାଲମା ଓ ଆମ୍ବ ଖଟା) ଭର୍ତ୍ତି ୫୦୦ ପୁଡିଆ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ମଧ୍ୟରେ ବୁଲି ବୁଲି ଏହି ବର୍ଗର ଲୋକମାନଙ୍କୁ ଦେଉଛନ୍ତି। ସେହିଭଳି କରୋନା ସମୟରେ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ଅମ୍ଳଜାନ ସିଲିଣ୍ଡର ଜରୁରିକାଳୀନଭିତ୍ତିରେ ଆବଶ୍ୟକ କରୁଥିବା ରୋଗୀଙ୍କୁ ପ୍ରଦାନ କରାଯାଉଛି। ସେହିପରି ଶଟ୍‌ଡାଉନ ସମୟରେ ବିମାନ ବନ୍ଦର ଓ ରେଳ ଷ୍ଟେଶନରେ ଅଟକି ଯାଇଥିବା ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡ଼ିବାର ବ୍ୟବସ୍ଥା ମଧ୍ୟ ଦୀର୍ଘଦିନ ଧରି ଅମ୍ବର ପରିବାର କରିଆସୁଛି। ମଣିଷ ଜୀବନ ପାଇଛ, ବିପଦ ସମୟରେ ସାହାଯ୍ୟ କରିବା ହେଉଛି ଆଉଜଣେ ମଣିଷର ପ୍ରକୃତ ଧର୍ମ। ଏହି ଧର୍ମକୁ ଆଧାର କରି ଆମ ପରିବାରର ସଦସ୍ୟ ସର୍ବେଶ୍ୱର ଦାସ, ସଚ୍ଚିନ ମହାପାତ୍ର, ସମ୍ବିତ ପୃଷ୍ଟି, ସି.ଏଚ୍. ମୁରଲୀ ଏବଂ ଅନ୍ୟମାନେ ଦିନରାତି ପରିଶ୍ରମ କରି ଏହି ମହତ୍ କାର୍ଯ୍ୟରେ ନିଜକୁ ସମର୍ପିତ କରିଦେଇଛନ୍ତି।

# ଖାଲରୁ ୨ ହାତୀ ଉଦ୍ଧାର

**ଟିଗିରିଆ,୨୦।୫(ଡି.ଏନ୍.ଏ.)**

ଟିଗିରିଆ ଥାନା ଅନ୍ତର୍ଗତ ଭେଜିଆ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଖାଲରେ ଗୁରୁବାର ୨ ଅଣ୍ଡିରା ହାତୀ ପଡ଼ିଯାଇଥିଲେ। ଉକ୍ତ ସ୍ଥାନ ପଙ୍କରେ ପରିପୂର୍ଣ୍ଣ ହୋଇଥିବାରୁ ସେମାନେ ବାହାରକୁ ବାହାରି ପାରି ନ ଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଜେସିବି ମେଶିନ ଲଗାଇ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଖବରପାଇ ଟିଗିରିଆ ବନପାଳ ରାକେଶ ପ୍ରଧାନ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର ପରେ ଉଭୟ ହାତୀ ଜଙ୍ଗଲକୁ ପଳେଇ ଯାଇଥିଲେ। ଜଙ୍ଗଲରେ ଖାଦ୍ୟ ଓ ପାଣି ସନ୍ଧାନ କରୁଥିବାବେଳେ ହାତୀ ଦ୍ୱୟ ଖାଲରେ ଫସିଯାଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି।



ଖାଲରେ ଫସି ରହିଥିବା ୨ ହାତୀ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନୁ



@ ଦେବରାଜ୍



@ ରଶ୍ମିରଞ୍ଜନ



@ ସ୍ମିତିପ୍ରଜ୍ଞା



@ ଦେବାଶିଷ



@ ତୁଷାର



@ ରଞ୍ଜିତ୍

# ଏକାଡେମୀ ବିକାଶ ନେଇ ଆଶା ଦେଖାଇଲେ

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀ ପାଇଁ ଗୁରୁବାର ନୂତନ ସଭାପତି, ଉପସଭାପତି ଓ ସଚିବଙ୍କୁ ମନୋନୀତ କରାଯାଇଛି। ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଦାୟିତ୍ୱକୁ ନେଇ ଖୁସି ପ୍ରକାଶ ପାଇଥିବାବେଳେ ସାହିତ୍ୟିକ, କଳାକାର ଓ ଶିଳ୍ପୀ ଜଗତ ପାଇଁ ସେମାନେ କିଛି କରିବାର ଆଶା ରଖିଛନ୍ତି।**

### ଏକାଡେମୀର କାର୍ଯ୍ୟାବଳୀକୁ ନିୟମିତ କରିବି

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ ରାଜ୍ୟ ସରକାର ଚୟନ କରିଥିବାରୁ ମୁଁ ଦାୟବୋଧ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସହ ସାହିତ୍ୟ ଏକାଡେମୀ କିଭଳି ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ଓ ଅଗ୍ରଗତିର ଗୋଟିଏ ପ୍ରକୃଷ୍ଟ ପ୍ରତିଷ୍ଠାନ ହୋଇପାରିବ। ଏକାଡେମୀର କାର୍ଯ୍ୟାବଳୀକୁ କିଭଳି ନିୟମିତ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବି।

- ଡ. ହୃଷୀକେଶ ମଲ୍ଲିକ, ସଭାପତି ଓଡ଼ିଶା ସାହିତ୍ୟ ଏକାଡେମୀ

### ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ପାଇଁ ଚେଷ୍ଟା କରିବି

ଗତ ଦେଢ଼ବର୍ଷ ହେବ କରୋନା ପାଇଁ ଅନେକ କଳାକାର ସେମାନଙ୍କ ଜୀବିକା ହରାଇ ବସିଲେଣି। କଳାକାର ଆଗ ବଞ୍ଚିଲେ ହିଁ କଳାର ସମୃଦ୍ଧି କଥା ଭାବିବା। ଏହାବ୍ୟତୀତ ଗ୍ରାମୀଣ କଳାକାରଙ୍କ ଜୀବନ, ଲୁପ୍ତପ୍ରାୟ ଲୋକକଳା, ନାଟକ, ସଙ୍ଗୀତ ଉନ୍ନତି ଉପରେ ଅଧିକ ଧ୍ୟାନ ଦେବି। ଗ୍ରାମୀଣ କଳାର ପ୍ରସାର ସହ କଳାକାରଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଉପରେ ଫୋକସ୍ ରହିବ।

-ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି

### କଳାକାରଙ୍କ ସୁରକ୍ଷା ପାଇଁ କାମ କରିବି

ଦୀର୍ଘ ୬୦ବର୍ଷ ଧରି ମୁଁ କଳା, ସଂସ୍କୃତି ସହ ଜଡ଼ିତ ହୋଇ ରହିଛି। ଶେଷ ବେଳକୁ କିଛି କରିବାର ସୁଯୋଗ ମିଳିଲା। କରୋନାର ବିଭୀଷିକା ଭିତରେ ଏହି ଦାୟିତ୍ୱ ନେଉଛି। ବହୁ ପେଶାଦାର କଳକାର କରୋନା ପାଇଁ ଦୟନୀୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କର ସୁରକ୍ଷା ସହ ପରିବର୍ତ୍ତନ ପାଇଁ ନିଶ୍ଚିତ ଭାବେ ପ୍ରଚେଷ୍ଟା କରିବି।

-ମନ୍ମଥ କୁମାର ଶତପଥୀ, ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି

### ଭଲ ଓଡ଼ିଆ ପାଠକ ଶ୍ରେଣୀ ସୃଷ୍ଟି ହିଁ ଲକ୍ଷ୍ୟ

ଗଣମାଧ୍ୟମରୁ ଏ ନେଇ ଖବର ପାଇବା ପରେ ଖୁସି ଲାଗୁଛି। ଭଲ ଓଡ଼ିଆ ପାଠକ ଶ୍ରେଣୀ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବି। ଓଡ଼ିଆ ବହିକୁ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦ କରିବା ଓ ଜ୍ଞାନଭିତ୍ତିକ ଗ୍ରନ୍ଥଗୁଡ଼ିକର ପ୍ରାନ୍ତୀୟ ଭାଷାରେ ଅନୁବାଦ କରିବାକୁ ଯୋଜନା କରାଯିବ।

-ସଂଗ୍ରାମ ଜେନା, ସାହିତ୍ୟ ଏକାଡେମୀ ଉପସଭାପତି

### କଳାକାରଙ୍କ ବିକାଶ ନିମନ୍ତେ ପଦକ୍ଷେପ ନେବି

ନୂତନ ପଦବୀ ପାଇବା ପରେ ନୂତନ ରାସ୍ତା ମଧ୍ୟ ମିଳିଛି। ଏହା ଭଗବାନଙ୍କର ମୋ ପ୍ରତି ଆଶୀର୍ବାଦ। ଏକାଡେମୀ ପକ୍ଷରୁ ଆଜି ଯାହାବି ପାଇଛି ସବୁ କଳା ପାଇଁ। ତେଣୁ ଏହାକୁ ନିଶା ଭାବରେ ଗ୍ରହଣ କରିବି। ନିଜର ଭାବକୁ ପରିପ୍ରକାଶ ଓ ସମସ୍ତ କଳାକାରଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରିବି।

-ଶ୍ରୀନିବାସ ପଡ଼ିଆରୀ, ଲଳିତ କଳା ଏକାଡେମୀ ଉପସଭାପତି

### ଏକାଡେମୀର ଉନ୍ନତି ଲାଗି ସମର୍ପିତ ରହିବି

ସଚିବ ପଦବୀ ନିମନ୍ତେ ମନୋନୀତ ହୋଇଥିବାରୁ ବହୁତ ଖୁସି ଲାଗୁଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଆଗାମୀ ଦିନରେ ଶିଳ୍ପୀମାନଙ୍କ ଲାଗି କାମ କରିବା ସହ ଏକାଡେମୀର ଉନ୍ନତି ନିମନ୍ତେ ଯଥୋଚିତ ସମର୍ପିତ ରହିବି।

-ପଞ୍ଚାନନ ସାମଲ, ଲଳିତ କଳା ଏକାଡେମୀ ସଚିବ

### ଏକାଡେମୀର ବିକାଶ ପାଇଁ ଯତ୍ନବାନ ହେବି

ପରିବାର, ବନ୍ଧୁ ପରିଜନ ସମସ୍ତଙ୍କ ଶୁଭେଚ୍ଛା ତଥା ଭଲପାଇବା ଯୋଗୁ ପୁଣି ଥରେ ଏହି ପଦବୀ ମିଳିପାରିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି। ଆଗାମୀ ଦିନରେ ଉର୍ଦ୍ଦୁ ଏକାଡେମୀର ବିକାଶ ପାଇଁ ଆହୁରି ଯତ୍ନବାନ ରହିବି।

-ଡ. ସୟେଦ ମୁସୀର ଆଲାମ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସଚିବ

# ଲକ୍‌ଡାଉନ୍‌ରେ ସିଏମ୍‌ସି କର୍ମଚାରୀଙ୍କ ଭୋଜି

**କଟକ ଅଫିସ,୨୦।୫**

### ଡେପୁଟି କମିଶନର ଓ ଥାନା ଅଧିକାରୀଙ୍କ କଥାରେ ନାହିଁ ତାଳମେଳ



କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଜାରି ରହିଛି। ଏଭଳି ପରିସ୍ଥିତିରେ ଭୋଜି ଓ ଏକାଧିକ ଲୋକ ଏକାଠି ହେବା ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରୋକ ଲଗାଯାଇଛି। ହେଲେ ବୁଧବାର ବିଳମ୍ବିତ ରାତିରେ କରୋନା ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ସିଏମ୍‌ସିର କେତେଜଣ କର୍ମଚାରୀ ବିଡ଼ାନାସୀ ଥାନା ଅନ୍ତର୍ଗତ ନଳିନୀ ମଣ୍ଡପରେ ଭୋଜି କରୁଥିଲେ। ପୋଲିସ ପହଞ୍ଚି ଭୋଜି କରୁଥିବା ଲୋକଙ୍କଠାରୁ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଜରିମାନା ଆଦାୟ କରିଥିଲା। ତେବେ ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଓ ଥାନା ଅଧିକାରୀଙ୍କୁ ପଚରାଯିବାରୁ ଉଭୟଙ୍କ କଥାରେ ତାଳମେଳ ନ ଥିବା ଶୁଣିବାକୁ ମିଳିଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି, ସିଏମ୍‌ସିର ୪ଜଣ କର୍ମଚାରୀ ମିଶି ଜଣେ କର୍ମଚାରୀଙ୍କ ଘରେ ଭୋଜି କରୁଥିଲେ। ଏହି ସମୟରେ ପୋଲିସ ଚଢ଼ାଉ କରି ଜରିମାନା ଆଦାୟ କରିଥିଲା। ଅନ୍ୟପକ୍ଷରେ ବିଡାନାସୀ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ତିୱାରୀ କହିଛନ୍ତି, ନଳିନୀ ମଣ୍ଡପରେ କେତେଜଣ ଲୋକ ଭୋଜି କରୁଥିବା ଖବର ମିଳିବା ପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ପୋଲିସକୁ ଦେଖି ଭୋଜି କରୁଥିବା ଲୋକମାନେ ଦଉଡି ପଳାଇଥିଲେ। ସେଥିଲାଗି ସେମାନେ ସିଏମ୍‌ସି କର୍ମଚାରୀ କି ନୁହେଁ ଜାଣି ପାରି ନ ଥିଲି। ପରେ ମଣ୍ଡପ ମାଲିକଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

**ଏସ୍‌ପିଙ୍କୁ ଦାବିପତ୍ର ଦେଲା ନିମାପଡ଼ା ସାମ୍ବାଦିକ ମଞ୍ଚ**

ନିମାପଡ଼ା,(ଡି.ଏନ୍.ଏ.)- ପୁରୀରେ ଜଣେ ଖବରଦାତାଙ୍କୁ ପୋଲିସ ଆକ୍ରମଣ କରିବା ଘଟଣାକୁ ନିମାପଡ଼ା ସାମ୍ବାଦିକ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏଥିନିମନ୍ତେ ମଞ୍ଚ ପକ୍ଷରୁ ପୁରୀ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଏପରି ନ ହେଲେ ମଞ୍ଚ ଆଗକୁ ଗଣଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଖବରଦାତାଙ୍କ ସୁରକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବାକୁ ନିମାପଡ଼ା, ଚାରିଛକ, ବଳଙ୍ଗା, ଅସ୍ତରଙ୍ଗ, କାକଟପୁର ଅଞ୍ଚଳର ଖବରଦାତାମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ଡିଜିଠାରେ ଦାବି କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୦.୦୫.୨୦୨୧
୨୭୭୧ ଟଙ୍କା

# ରଥଖଳା ସେବାୟତଙ୍କ ପାଇଁ ବାୟୋବବଲ୍ ବ୍ୟବସ୍ଥା

ପୁରୀ ଅଫିସ,୨୦।୫:

ରଥଖଳା ସେବାୟତ ଓ ମହାରଣାଙ୍କ ପାଇଁ ବାୟୋବବଲ୍ ପ୍ରସ୍ତୁତ ହେବ। ଏଣିକି ରଥଖଳା କାର୍ଯ୍ୟ ଚାଲିଥିବା ବେଳେ ସେଠାକୁ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ପ୍ରବେଶ କରିପାରିବେ ନାହିଁ। ସଂକ୍ରମଣକୁ ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସବୁ ପ୍ରକାର ଉଦ୍ୟମ କରୁଛି। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ସେବାୟତମାନେ ସଂକ୍ରମିତ ନ ହୋଇ କିଭଳି ରଥକାର୍ଯ୍ୟ ସମୟ ମଧ୍ୟରେ ସାରିବେ ସେନେଇ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି। ଗୁରୁବାର ରଥଖଳା କାର୍ଯ୍ୟର ୫ ଦିନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ ହୋଇଛି। ମୁଖ୍ୟ ପ୍ରଶାସକ କୁମାର କହିଛନ୍ତି, ୮୮ଜଣ ସେବାୟତ ଓ ମହାରଣା ରଥଖଳାରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ମଧ୍ୟରେ ୪୦ଜଣ ମହାରଣା, ୩୧ଜଣ ଭୋଇ ସେବକ, ୧୩ଜଣ କୁମ୍ଭକାର ଓ ୪ଜଣ କରତୀ ସେବକ ରହିଛନ୍ତି। ଚଳିତବର୍ଷ ରଥଯାତ୍ରାକୁ ସୁରୁଖୁରରେ ଶେଷ କରିବା ଶ୍ରୀମନ୍ଦିର ପ୍ରଶାସନର ସବୁଠାରୁ ବଡ଼ ଆହ୍ୱାନ। ମହାପ୍ରଭୁଙ୍କ ନୀତିକାନ୍ତିକୁ ପ୍ରାଥମିକତା ଦେଇ କାର୍ଯ୍ୟ କରାଯାଉଛି। ସେବାୟତମାନେ ସଂକ୍ରମଣ ହେବା ନେଇ ସୂଚନା ମିଳିବା ପରେ ସେବାୟତଙ୍କ ଟେଷ୍ଟିଂ ଉପରେ ଆହୁରି ଗୁରୁତ୍ୱ ଦିଆଯାଉଛି। ଯେଉଁ ସେବାୟତମାନେ ସାନି ରଥଖଳା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି, ସେମାନଙ୍କ ଟେଷ୍ଟିଂ କରାଯାଇ ଗୁଣ୍ଡିଚା ଭକ୍ତ ନିବାସରେ ଆଇସୋଲେଶନ୍‌ରେ ରଖାଯାଉଛି। ଏହାପରେ ୪୦ ଘଣ୍ଟା ମଧ୍ୟରେ ରିପୋର୍ଟ ଆସୁଛି। ନେଗେଟିଭ୍ ରିପୋର୍ଟ ଆସିଥିବା ସେବାୟତ ହିଁ ରଥଖଳା କାର୍ଯ୍ୟରେ ନିୟୋଜିତ ହୋଇପାରିବେ ବୋଲି ପ୍ରଶାସନ ସ୍ପଷ୍ଟ ଭାବେ ଜଣାଇଛନ୍ତି। ସେହିଭଳି କେବଳ ରଥକାର୍ଯ୍ୟ ଓ ରଥଖଳା ସହ ସମ୍ପୃକ୍ତ ଥିବା ସେବାୟତ ଓ କର୍ମଚାରୀମାନେ ହିଁ ପ୍ରବେଶ କରିବେ। ନିଷିଦ୍ଧାଞ୍ଚଳ ମଧ୍ୟକୁ ଗଣମାଧ୍ୟମ ପ୍ରବେଶ କରିପାରିବ ନାହିଁ। ବାୟୋବବଲ୍ ପ୍ରସ୍ତୁତ କରାଯିବା ସହ ମାସ୍କ ଓ ସାନିଟାଇଜର ବ୍ୟବସ୍ଥାକୁ ସକ୍ରିୟ ଭାବେ ଲାଗୁ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ସେବାୟତ ଓ କର୍ମଚାରୀମାନଙ୍କୁ ଏନ୍-୯୫ ମାସ୍କ ପ୍ରଦାନ କରିବ। ଗଣମାଧ୍ୟମକୁ ପ୍ରତିଦିନ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ରଥଖଳା କାର୍ଯ୍ୟ ସମ୍ପର୍କରେ ଜଣାଇ ଦିଆଯିବ। ତେବେ ସେବାୟତଙ୍କ ସଂକ୍ରମଣ ଓ କୋଭିଡ୍ ପ୍ରୋଟୋକଲ୍‌କୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଭ୍ରମାତ୍ମକ ତଥ୍ୟ ପରିବେଷଣ ନ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅପିଲ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ରଥଖଳା କାର୍ଯ୍ୟର ସମୀକ୍ଷା ବୈଠକରେ ଜିଲାପାଳ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ତିନି ମୁଖ୍ୟ ମହାରଣା, ରଥଖଳା କାର୍ଯ୍ୟରେ ନିୟୋଜିତ ସେବକ ପ୍ରମୁଖ ଉପସ୍ଥିତ ଥିଲେ।



ରଥ ନିର୍ମାଣ ନେଇ ଜିଲାପାଳ ସମର୍ଥ ବର୍ମା ଓ ମୁଖ୍ୟ ପ୍ରଶାସକ ତିନିରଥର ମୁଖ୍ୟ ସେବକ, ମହାରଣାଙ୍କ ସହ ଆଲୋଚନା କରୁଛନ୍ତି ।

**ପ୍ରବେଶ ଉପରେ ଲାଗିବ ସମ୍ପୂର୍ଣ୍ଣ କଟକଣା**

## ରଥଖଳାରୁ

# ଆଜି ହେବ ସୂତା ବାଡ଼ିଆ କାର୍ଯ୍ୟ

ପୁରୀ ଅଫିସ,୨୦।୫

**ରଥଖଳା ଯାଇ ସେବକଙ୍କୁ ସଚେତନ କଲେ ଜିଲାପାଳ**

ମହାପ୍ରଭୁଙ୍କ ରଥନିର୍ମାଣର ପଞ୍ଚମ ଦିନରେ ତିନିରଥର ତୁମ୍ବ ନିର୍ମାଣ ପାଇଁ କାଠ ଚିରଟ ହେବା ସହ ତୁମ୍ବଗୁଡ଼ିକୁ ସାଇଜ କରାଯାଇ ଚିହ୍ନ ଦିଆଯାଇଛି। ତିନିରଥ ପାଇଁ ଆବଶ୍ୟକ ଥିବା ୪୨ଟି ତୁମ୍ବ ମଧ୍ୟରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ୩୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବଳଭଦ୍ରଙ୍କ ତାଳଧ୍ୱଜ ରଥର ୯ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ୩ ତୁମ୍ବଗୁଡ଼ିକୁ ମହାରଣା ସେବକମାନେ ବାରିସୀରେ ହାଣି ସାଇଜ୍ କରିଛନ୍ତି। ଅନ୍ୟ ୨ଟି ତୁମ୍ବ ପାଇଁ କଟକ ସ' ମିଲ୍‌ରୁ କାଠ ଆସିବା ପରେ ତୁମ୍ବ କାର୍ଯ୍ୟ ଆରମ୍ଭ ହେବ। ମା' ସୁଭଦ୍ରାଙ୍କ ୧୨ଟି ତୁମ୍ବର ପ୍ରାରମ୍ଭିକ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥ ପାଇଁ ଆବଶ୍ୟକ ୧୬ଟି ତୁମ୍ବରୁ ୧୩ଟିର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଶୁକ୍ରବାରଠାରୁ ତୁମ୍ବଗୁଡ଼ିକରେ ସୂତା ବାଡ଼ିଆ ଏବଂ ଠେକ ତୁଲିଆ କାମ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷେ ଦୋଳ ବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଅରକଣ୍ଟା କାର୍ଯ୍ୟ କରିଥିବାବେଳେ ଗୁରୁବାରଠାରୁ ପନ୍ଦାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ୭ଟି ପନ୍ଦାରୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପଞ୍ଚମ ଦିନରେ ୭୪ଜଣ ସେବକ ଏବଂ ସହାୟକ ନିୟୋଜିତ ଥିଲେ। ରଥଖଳାରେ କେତେଜଣ ମହାରଣା ଏବଂ ଭୋଇ ସେବକ କରୋନା ସଂକ୍ରମିତ ହେବା ପରେ ନିୟୋଜିତ ଥିବା ସେବକମାନେ ଭୟଭୀତ ହୋଇଯାଇଛନ୍ତି। ଫଳରେ



ଅପରାହ୍ନରେ ଜିଲାପାଳ ସମର୍ଥ ବର୍ମା ରଥଖଳାକୁ ଯାଇ ସେବକଙ୍କ ସହ ଆଲୋଚନା କରିବା ସହ କରୋନା ସଚେତନତା ବାର୍ତ୍ତା ଦେଇଥିଲେ। ଯେଉଁମାନେ ମାସ୍କ ନେଇନାହାନ୍ତି ଏବଂ କରୋନା ଟିକା ନେଇନାହାନ୍ତି ସେମାନେ ତୁରନ୍ତ ଟିକା ନେବା ପାଇଁ କହିଥିଲେ। ଜିଲାପାଳଙ୍କ ସହ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାତିକରେ ୨ ଦୋକାନରୁ ଚୋରି, ୩ ଅଟକ

କଣାସ,୨୦।୫(ସ୍ୱ.ପ୍ର.)- କଣାସ ଥାନା ଅନ୍ତର୍ଗତ କଣାସ ବଜାରର ବୁଧବାର ରାତିରେ ୨ଟି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ଥାନା ନିକଟ ଦୋକାନରୁ ଚୋରି ହୋଇଥିବା ବେଳେ ଅନ୍ୟଟି ଡାକବଙ୍ଗଳା ନିକଟ ଦୋକାନରୁ ଚୋରି ହୋଇଛି। ଦୋକାନୀମାନେ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ତପନ ରାଉତ ପୃଥକ ଭାବେ ୨ଟି ମାମଲା( ନଂ.୧୧୪, ୧୧୮/୨୧) ରୁଜୁ କରିଥିଲେ। ତେବେ ପୋଲିସ ସଙ୍ଗେ ସଙ୍ଗେ ତଦନ୍ତ ଚଳାଇ ଗୁରୁବାର ୩ଜଣ ଯୁବକଙ୍କୁ ଉଠାଇ ଥାନାରେ ପଚରାଉଚରା ଚଳାଇଛି। ସେମାନଙ୍କଠାରୁ ଚୋରି ଯାଇଥିବା କେତେକ ଜିନିଷ ଓ ନଗଦ ୧୨ହଜାର ଟଙ୍କା ଜବତ କରିଛି। ତେବେ ୨ଟି ଷ୍ଟେଶନାରୀ ଦୋକାନର ମାଲିକମାନେ ଗୁରୁବାର ସକାଳ ଦୋକାନ ଖୋଲିବାକୁ ଆସିବାବେଳେ କବାଟ ଭଙ୍ଗାଥିବା ଓ ଜିନିଷ ଚୋରି ହୋଇଥିବା ଦେଖି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବୟସ୍କ, ଦିବ୍ୟାଙ୍ଗଙ୍କୁ ଘରୁ ଆଣି ଟିକା ଦେଲା ପ୍ରଶାସନ

ପୁରୀ ଅଫିସ,୨୦।୫: ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ୪୫ବର୍ଷ ବୟସରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ନିମନ୍ତେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଟିକାକରଣ ଆରମ୍ଭ ହୋଇଛି। ୭୨ ଜଣଙ୍କୁ ଟିକା ଦିଆଯାଇଛି। ପ୍ରଶାସନ ସ୍ୱତନ୍ତ୍ର ଗାଡ଼ି ଯୋଗେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ଟିକାକରଣ କେନ୍ଦ୍ରକୁ ଆଣିବା ସହ ନେବା କାର୍ଯ୍ୟ କରୁଛନ୍ତି। ଟିକାକରଣ ପାଇଁ ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ୨ଟି ଚାରିଚକିଆ ଯାନକୁ ସେବାରେ ଲଗାଇଯାଇଛି। ଜିଲାପାଳ କାର୍ଯ୍ୟାଳୟ ସାମ୍ନାରୁ ଏହି ସେବାକୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଛି। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଏଡିଓମଓ ବିରଜା ଶଙ୍କର ରଥ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜିଲାରେ ବୁଧବାର ସଂକ୍ରମଣ ସଂଖ୍ୟା ୪୨୪ରେ ପହଞ୍ଚିଛି। ପୁରୀ ସହରରୁ ୧୩୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ପୁରୀ ସଦରରୁ ୪୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପିପିଲିରୁ ୪୯, ଅସ୍ତରଙ୍ଗରୁ ୩୦ ଓ ନିମାପଡ଼ାରୁ ୩୭ଜଣ ପଜିଟିଭ୍ ହୋଇଛନ୍ତି। ଗୁରୁବାର ସଂକ୍ରମଣରେ ୩ ଜଣ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଛି। କାକଟପୁରର ୭୨ ବର୍ଷୀୟ ମହିଳା, ସୁଆର ସାହିର ୫୫ ବର୍ଷୀୟ ମହିଳା ଓ ପିପିଲିର ଜଣେ ବ୍ୟକ୍ତିଙ୍କର କୋଭିଡ୍ ଶ୍ମଶାନରେ ଶେଷକୃତ୍ୟ ହୋଇଛି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି

ପୁରୀ ଅଫିସ,୨୦।୫

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ୟାସ୍‌କୁ ନେଇ ଜିଲା ପ୍ରଶାସନ ଗୁରୁବାର ପ୍ରସ୍ତୁତି ଆରମ୍ଭ କରିଛି। ବାତ୍ୟାକୁ ନେଇ ଏସ୍‌ଆର୍‌ସିଙ୍କ ଭର୍ଚୁଆଲ ବୈଠକ ପରେ ପ୍ରତି ବ୍ଲକକୁ ଜିଲାପାଳ ଆଲର୍ଟ କରିଛନ୍ତି। ଏ ନେଇ ଜିଲାର ୧୧ଟି ବ୍ଲକ, ୩ଟି ବିଜ୍ଞାପିତ ଅଞ୍ଚଳ ଓ ପୁରୀ ପୌରସଂସ୍ଥାର ଅଧିକାରୀଙ୍କ ସହ ଜିଲାପାଳ ସମର୍ଥ ବର୍ମା ଭର୍ଚୁଆଲ ବୈଠକ କରିଥିଲେ। ଆସୁଥିବା ସମ୍ଭାବ୍ୟ ବାତ୍ୟାକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଥିବା ୯୦ଟି ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ପୁରୀ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଜନସାଧାରଣ ଭୟଭୀତ ନ ହେବା ପାଇଁ ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ବର୍ତ୍ତମାନ ବାତ୍ୟାର ରୂପରେଖ ଜଣାପଡ଼ି ନ ଥିଲେ ମଧ୍ୟ ଚଳିତ ମାସ ୨୩ ଏବଂ ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ବର୍ଷା ଏବଂ ପବନ ହୋଇପାରେ। ବାତ୍ୟା ୟାସ ପୁରୀ ଉପକୂଳ ଦେଇ ଗତିକରିବାର ସମ୍ଭାବନା ରହୁଛି। ତେଣୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି।

## ଅବକାରୀ ଚଢାଉ, ଜଣେ ଗିରଫ

ପୁରୀ ଅଫିସ,୨୦।୫

ପୁରୀ ବାସେଳି ସାହି ଥାନା ଅଞ୍ଚଳରେ ବେଆଇନ ଭାବେ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ଅବକାରୀ ବିଭାଗ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ରାମିତୋଟାର ଧଡିଆ ଭୋଇ (୬୦)। ତାଙ୍କଠାରୁ ଅବକାରୀ ବିଭାଗ ୪୦ ଲିଟର ଦେଶୀମଦ, ୩୦୦ ଲିଟର ପୋଚ ଜବତ କରିଛି।

# ବିଦ୍ୟୁତ୍‌କାଟ ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

ଅସ୍ତରଙ୍ଗ,୨୦।୫(ଡି.ଏନ୍.ଏ.)

ଲକଡାଉନ ଯୋଗୁ ରାଜ୍ୟବାସୀ ଘରେ ରହି ଅସ୍ତବ୍ୟସ୍ତ ହେଉଥିବାବେଳେ ଅସ୍ତରଙ୍ଗ ବ୍ଲକର ଆଦିକନ୍ଦପୁର ଗ୍ରାମରେ ଅଧିକାଂଶ ସମୟ ବିଦ୍ୟୁତ୍‌କାଟ ହେଉଥିବାରୁ ଗ୍ରାମବାସୀ ବିଦ୍ୟୁତ୍ ଟିକେ ପାଇଁ କଲବଲ ହେଉଛନ୍ତି। ଅଭିଯୋଗସତ୍ତ୍ୱେ କେହି ନ ଶୁଣିବାରୁ ଗୁରୁବାର ଗ୍ରାମବାସୀ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ତ୍ରିପାଠୀଙ୍କୁ ଦରଖାସ୍ତ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କିଛିଦିନ ହେବ ପ୍ରବଳ ଗରମ ହେଉଥିବାବେଳେ ଗ୍ରାମରେ ଲଗାତର ବିଦ୍ୟୁତ୍ କାଟ ହୋଇଯାଉଛି। ଅଘୋଷିତ ବିଦ୍ୟୁତ୍ କାଟରେ ବୃଦ୍ଧାବୃଦ୍ଧ, ଛୋଟ ପିଲା ଏବଂ ରୋଗୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଅନ୍ୟପଟେ ପିଲାମାନେ ଅନଲାଇନରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏପରିକି ବାରମ୍ବାର ବିଦ୍ୟୁତ୍ କଟିଯାଉଥିବାରୁ ଗ୍ରାମକୁ ସପ୍ଲାଏ ପାଣି ମଧ୍ୟ ଆସି ପାରୁନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଶେଷରେ ଗୁରୁବାର ଗ୍ରାମର ଉପଭୋକ୍ତା ଉକୁଳେଇଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ବିଭାଗୀୟ ଯନ୍ତ୍ରୀ ଆସି ସେମାନଙ୍କୁ ବୁଝାଶୁଝା କରିବା ସହ ଜରୁରି କାର୍ଯ୍ୟ ଯୋଗୁ ବିଦ୍ୟୁତ୍ କଟୁଥିବାବେଳେ ଖୁବଶୀଘ୍ର ଆଉ କଟିବନି ବୋଲି କହିଥିଲେ। ଯଦି ଶୀଘ୍ର ସମସ୍ୟା ସମାଧାନ ନ ହୁଏ, ତେବେ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ପାଇଁ ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।





ବିଦ୍ୟୁତ୍ ଉପଭୋକ୍ତାମାନେ ଅସ୍ତରଙ୍ଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

## ବରାଳ ଗ୍ରାମ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ସାକ୍ଷୀଗୋପାଳ,୨୦।୫(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କାଦୁଆ ପଞ୍ଚାୟତର ବରାଳ ଗ୍ରାମକୁ ଗୁରୁବାର ବ୍ଲକର ପ୍ରଥମ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷିତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରାଳ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀଙ୍କ କରୋନା ପରୀକ୍ଷା କରାଯାଇଥିଲା। ପରୀକ୍ଷା କରିଥିବା ୪୫ଜଣଙ୍କ ମଧ୍ୟରୁ ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପ୍ରଶାସନ ଏହି ଗ୍ରାମକୁ ଗୁରୁବାରଠାରୁ ୭ଦିନ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି। ଗ୍ରାମର ଉଭୟ ମୁଣ୍ଡରେ ବାଉଁଶ ବନ୍ଧାଯାଇ ସାଧାରଣ ଚଳାଚଳ ନିଷିଦ୍ଧ କରାଯାଇଛି। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ କ୍ଷୀରୋଦ କୁମାର ବେହେରା, ଆଇଆଇସି ଦେବୀ ପ୍ରସାଦ ପାତ୍ର ଓ ସରପଞ୍ଚ ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଜାରି କରିଥିଲେ।

## ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇଲେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ

ଭୁବନେଶ୍ୱର,୨୦।୫(ବ୍ୟୁରୋ):

ବରିଷ୍ଠ ଆଇଏସ୍ ଅଧିକାରୀ ତଥା ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଗୁରୁବାର ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଛନ୍ତି। ଉତ୍ତରା ଛକରେ ଦୁର୍ଘଟଣାର ଶିକାର ହୋଇ ଜଣେ ବ୍ୟକ୍ତି ରାସ୍ତାରେ ପଡିଥିବା ବେଳେ କ୍ରିଷନ କୁମାର ତାଙ୍କୁ ସେଠାରୁ ନିଜ ଗାଡ଼ିରେ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ଲକଡାଉନ ପାଇଁ ଗାଡି ଚଳାଚଳ ବନ୍ଦ ଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ରତ୍ନାକର ପ୍ରଧାନ(୩୮) ନାମକ ଜଣେ ବ୍ୟକ୍ତି ଜାତୀୟ ରାଜପଥ ୩୧୬ ଉତ୍ତରା ଛକ ନିକଟସ୍ଥ କୌଶଲ୍ୟାଗଙ୍ଗ ଅଞ୍ଚଳରେ ପଡ଼ି ରହିଥିଲେ। ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ସେ ରାସ୍ତା ପାଖରେ ବସି ରହିଥିଲେ। ଏହି ସମୟରେ କ୍ରିଷନ୍ କୁମାର ପୁରୀରୁ ଭୁବନେଶ୍ୱର ଫେରୁଥିଲେ। ବାଟରେ ରତ୍ନାକରଙ୍କୁ ଦେଖି ତାଙ୍କୁ ତୁରନ୍ତ ସାଙ୍ଗରେ ଆଣିବା ସହ କ୍ୟାପିଟାଲ ମେଡିକାଲରେ ଭର୍ତ୍ତି କରିଥିଲେ।

## ଅସହାୟଙ୍କୁ ସ୍ୱାବଲମ୍ବୀ କରିବା ନେଇ ପ୍ରଶିକ୍ଷଣ

ପୁରୀ ଅଫିସ, ୨୦।୫

ପୁରୀ ସହରକୁ ଭିକାରି ମୁକ୍ତ କରିବା ଲକ୍ଷ୍ୟ ନେଇ ଜିଲା ପ୍ରଶାସନ ପକ୍ଷରୁ ନୀଳାଦ୍ରି ନିଳୟ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଯୋଜନା ଅନୁଯାୟୀ ପୁରୀ ସହରରେ ବସବାସ କରୁଥିବା ଭିକ୍ଷୁକ ଏବଂ ଅସହାୟ ଲୋକମାନଙ୍କୁ ପ୍ରଶାସନ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ନୀଳାଦ୍ରି ନିଳୟ କେନ୍ଦ୍ରରେ ରଖିଥିଲା। ତେବେ କେନ୍ଦ୍ରରେ ରହୁଥିବା ଭିକ୍ଷୁକ ଏବଂ ଅସହାୟମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଛି। ଅନ୍ତେବାସୀମାନେ କାଗଜରୁ ଠୁଙ୍ଗା, ତୁଳାରୁ ବଳିତା ବଳିବା, ଛାଞ୍ଚୁଣି ତିଆରି ଏବଂ ବଗିଚା କାମ ସମ୍ପର୍କରେ ପ୍ରଶିକ୍ଷଣ ନେଉଛନ୍ତି। ଅପରପକ୍ଷେ ପ୍ରଶାସନର ଏଭଳି ପ୍ରଶିକ୍ଷଣ କାର୍ଯ୍ୟକୁ ଅନ୍ତେବାସୀମାନେ ସ୍ୱାଗତ କରିଛନ୍ତି।

# ମହାପ୍ରସାଦ ବାହକ ସଂଘ ପକ୍ଷରୁ ଦାବିପତ୍ର

ପୁରୀ ଅଫିସ,୨୦।୫

ଶ୍ରୀମନ୍ଦିର ଭିତରକୁ ଯିବା ପାଇଁ ପରିଚୟ ପତ୍ର ପ୍ରଦାନ ଦାବି କରି ଗୁରୁବାର ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ବାହକ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସମ୍ପାଦକ ମାଗୁଣୀ ବରାଳଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ପରିସରରେ ଥିବା ସୁଆର ମହାସୁଆରେ ନିଯୋଗରେ ୨୩୦ରୁ ଊର୍ଦ୍ଧ୍ୱ ବୋଝିଆ କାର୍ଯ୍ୟ କରୁଛନ୍ତି। ମାତ୍ର ଶ୍ରୀଜୀଉଙ୍କ ବିଭିନ୍ନ ଜାନିଯାତ୍ରା ସମୟରେ ବୋଝିଆମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିଚୟ ପତ୍ର ନ ଥିବାରୁ ଶ୍ରୀମନ୍ଦିର ଚାରି ପାଖରେ ମୁତୟନ ରହୁଥିବା ପୋଲିସ କର୍ମଚାରୀମାନେ ଶ୍ରୀମନ୍ଦିର ପରିସରକୁ ଯିବାପାଇଁ ସେମାନଙ୍କୁ ଅନୁମତି ଦେଉନାହାନ୍ତି। ୨୩୦ରୁ ଅଧିକ ବୋଝିଆ ସୁଆର ମହାସୁଆର ନିଯୋଗରେ ପ୍ରତିଦିନ କାର୍ଯ୍ୟ କରନ୍ତି। ତେଣୁ ସମସ୍ତଙ୍କ ଆଧାର କାର୍ଡ ସୁଆର ମହାସୁଆର ନିଯୋଗରେ ଜମା ରହିଛି। ଏବେ ମାତ୍ର ୫୦ଜଣ ବୋଝିଆଙ୍କୁ ପରିଚୟପତ୍ର ମିଳିଛି। ଆଗକୁ ରଥଯାତ୍ରା ଥିବାବେଳେ ବୋଝିଆମାନଙ୍କୁ ପରିଚୟ ପତ୍ର ନ ମିଳିଲେ ନାନା ଅସୁବିଧା ହେବ। ତେଣୁ ପ୍ରଶାସନ କାର୍ଯ୍ୟ କରୁଥିବା ସମସ୍ତ ବୋଝିଆଙ୍କୁ ପରିଚୟ ପତ୍ର ଦେବାକୁ ସଂଘ ସମ୍ପାଦକ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ନୂଆପାଟଣା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ନିମାପଡ଼ା,୨୦।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତର ନୂଆପାଟଣା ଗ୍ରାମରେ ବୁଧବାର ୧୨ଜଣ କରୋନା ସଂକ୍ରମିତ ହୋଇଛନ୍ତି। ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ ଅଭିମନ୍ୟୁ ପଣ୍ଡା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ଏହାପରେ ଗ୍ରାମର ସମସ୍ତ ପ୍ରବେଶ ପଥକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।

# ସାଇବର ଠକେଇ ଏକ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର,୨୦।୫(ବ୍ୟୁରୋ):

- ଭାକ୍ସିନ୍ ଓ ସହାୟତା ନାମରେ ଚାଲିଛି ଠକେଇ
- କୋଭିଡ୍ ସର୍ଭେ ନାଁ ରେ ତଥ୍ୟ ହାସଲ କରୁଛନ୍ତି ଠକ
- ଅଜଣା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ, ଅର୍ଥ ଜନିତ ତଥ୍ୟ ଦିଅନ୍ତୁ ନାହିଁ: ଡିଜିପି

କରୋନା କାଳରେ ସାଇବର ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଇଛି। କରୋନାକୁ ନେଇ ଲୋକଙ୍କ ଭାବପ୍ରବଣ ଓ ଭୟର ଫାଇଦା ସାଇବର ଠକ ଉଠାଉଛନ୍ତି। ମୁଖ୍ୟତଃ ସୋସିଆଲ୍ ମିଡିଆରେ ଏବେ ଲୋକଙ୍କୁ ସାହାଯ୍ୟ କରିବାକୁ ଅନେକଗୁଡ଼ିଏ ଫେକ୍ ଚାରିଟି ବା ନକଲି ଦାତବ୍ୟ ସଂସ୍ଥା ଖୋଲାଯାଇଛି। କରୋନା ଯୋଗୁ ସାଧାରଣ ଗରିବ ଲୋକେ କିଭଳି ଭୋକ ଉପାସରେ ବଞ୍ଚୁଛନ୍ତି, ତାହାର ଦୁଃଖ ଭରା ଫଟୋ ଭିଡିଓ ଦେଖାଇ ସେମାନଙ୍କ ପାଇଁ ଟଙ୍କା ମାଗୁଛନ୍ତି। ଅନେକ ଲୋକ ଏହା ଦେଖିବା ପରେ ଭାବପ୍ରବଣରେ ସେମାନଙ୍କୁ ଟଙ୍କା ପଠାଉଛନ୍ତି। ତେଣୁ କୌଣସି ଦାତବ୍ୟ ସଂସ୍ଥାକୁ ଟଙ୍କା ଦାନ କରୁଥିଲେ, ସେ ସଂସ୍ଥା ସମ୍ପର୍କରେ ଭଲ ଭାବରେ ବୁଝନ୍ତୁ ବୋଲି ପୋଲିସ ଡିଜି ଅଭୟ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

୨୦୨୧ ନୂଆ ଯୁଗରେ ସାଇବର ଠକେଇ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ବୋଲି ଡିଜି ମତ ପ୍ରକାଶ କରିଛନ୍ତି। ଟିକାକରଣ ନାମରେ ସାଇବର ଠକମାନେ ଲୋକମାନଙ୍କୁ ଠକୁଥିବା ନଜରକୁ ଆସିଛି। ଭାକ୍ସିନ୍ ରେଜିଷ୍ଟ୍ରେଶନ୍ ପାଇଁ ସରକାରଙ୍କ ପକ୍ଷରୁ କୋୱିନ୍, ଆରୋଗ୍ୟ ସେତୁ ଓ ଉମଙ୍ଗ ଭଳି ୩ଟି ଆପ୍ଲିକେଶନ୍ ବ୍ୟବହାର କରାଯାଉଛି। ତେଣୁ ଅନ୍ୟ କୌଣସି ଆପ୍ଲିକେଶନ୍‌ରେ ରେଜିଷ୍ଟ୍ରେଶନ ନ କରିବାକୁ ଡିଜିପି କହିଛନ୍ତି। ଏଥିସହିତ କୋଭିଡ୍ ସର୍ଭେ ମାଧ୍ୟମରେ ସାଇବର ଠକ ଲୋକଙ୍କ ତଥ୍ୟ ଚୋରାଉଛନ୍ତି। ପରେ ଉକ୍ତ ତଥ୍ୟ ସାହାଯ୍ୟରେ ସେମାନଙ୍କ ନିକଟରୁ ଟଙ୍କା ଠକି ନେଉଛନ୍ତି। ତେଣୁ କୌଣସି ବି ଅଜଣା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ଓ ଅର୍ଥ ଜନିତ ତଥ୍ୟ ନ ଦେବାକୁ କୁହାଯାଇଛି। ଆଧୁନିକ ଯୁଗରେ ସାଇବର ଠକେଇ ଆହୁରି ମଧ୍ୟ ଫେକ୍ ଇ-କମର୍ସ ସାଇଟ, କରୋନା ମେଡିସିନ୍, ଭିଡିଓକଲ୍‌ର ଅଶ୍ଳୀଳ ଚାଟ୍ ଓ ପରେ ବ୍ଲାକ୍‌ମେଲିଂ, ମାଗଣା ଉପହାର ଆଦି ବିଭିନ୍ନ ଉପାୟରେ ସାଇବର ଠକମାନେ ଠକେଇ କରୁଛନ୍ତି। ସେସବୁ ସତର୍କତା ଅବଲମ୍ବନ କରିବା ସହ କୌଣସି କାର୍ଯ୍ୟ କରିବା ପୂର୍ବରୁ ସେ ସମ୍ବନ୍ଧରେ ଭଲ ଭାବେ ଯାଞ୍ଚ କରନ୍ତୁ ବୋଲି ଡିଜି ଅଭୟ ପରାମର୍ଶ ଦେଇଛନ୍ତି। ଔଷଧ କଳାବଜାର ନେଇ ଲୋକଙ୍କ ନିକଟରେ କୌଣସି ସୂଚନା ଥିଲେ ପୋଲିସକୁ ଜଣାନ୍ତୁ। ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି କରୋନା ସମୟରେ ଲୋକମାନେ ଘରେ ରହି ଫୋନ୍ ଓ ହ୍ୱାଟସ୍‌ଆପ୍ ମାଧ୍ୟମରେ ପୋଲିସକୁ ନିଜର ଅଭିଯୋଗ ଜଣାନ୍ତୁ ବୋଲି ଡିଜିପି କହିଛନ୍ତି। ଅନ୍ୟପକ୍ଷେ ବିଭିନ୍ନ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ଏପ୍ରିଲ୧ରୁ ରାଜ୍ୟର ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କଠାରୁ ୯କୋଟି ୮୪ ଲକ୍ଷ ୩୫ ହଜାର ୮୨୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ୮୩୧ଜଣଙ୍କୁ ଗିରଫ କରାଯାଇଛି। ୨,୧୮୦ ଦୋକାନ ସିଲ୍ କରାଯାଇଥିବାବେଳେ ୨୬,୧୪୬ ଗାଡ଼ି ଜବତ କରାଯାଇଛି ଏବଂ ୨,୫୦୩ ଅବକାରୀ ମାମଲା ରୁଜୁ କରାଯାଇଛି।

Office of District Manager
**ODISHA STATE CIVIL SUPPLIES CORPORATION LTD. (OSCSC)**
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd, Cuttack

Odisha Coal and Power Limited OCPL
**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

**Sd./- Addl. General Manager (C&CA)**

## ମୋରମ ଖୋଳାକୁ ନେଇ ଆକ୍ରମଣ, ଜଣେ ଗୁରୁତର

**ଜଟଣୀ,(ଡି.ଏନ୍‌.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ କଣ୍ଟିଆ ଗ୍ରାମସ୍ଥ ଶିଳପୁଆ ମୁଣ୍ଡିଆରୁ ବେଆଇନ ଭାବେ ମୋରମ ଖୋଳାକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ଉକ୍ତ ଗ୍ରାମର ରଜନୀକାନ୍ତ ବଲିୟାରସିଂ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ଶିଳପୁଆ ମୁଣ୍ଡିଆ ନିକଟରୁ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମୋରମ ଖୋଳୁଥିଲେ। ଏହାକୁ ଗ୍ରାମର ରଜନୀକାନ୍ତ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତି ଜଣକ ରଜନୀକାନ୍ତଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପୋଲିସ ଓ ପରିବାରର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ରଜନୀକାନ୍ତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ରଜନୀକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୪୫/୨୧) ରୁଜୁକରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

### ଭାଜପା ରାଷ୍ଟ୍ରୀୟ ନେତାଙ୍କ ବିରୋଧରେ ଅଭିଯୋଗ

**ପୁରୀ ଅଫିସ,୨୦।୫:** ଭାଜପା ରାଷ୍ଟ୍ରୀୟ ନେତାମାନଙ୍କ ବିରୋଧରେଗୁରୁବାର ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଯୁବ କଂଗ୍ରେସ ପକ୍ଷରୁ ଆଲୋକ କୁମାର ଦାସ ଓ ତାଙ୍କ ସମର୍ଥକମାନେ ଆଇଆଇସିଙ୍କୁ ଏହି ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କଂଗ୍ରେସ ପକ୍ଷରୁ ସାରା ଦେଶରେ ଅନେକ ସ୍ୱେଚ୍ଛାସେବୀ କୋଭିଡ୍ ଭଳି ସଙ୍କଟ ସ୍ଥିତିରେ ସହଯୋଗ କରୁଛନ୍ତି। ହେଲେ ଏହି ସମୟରେ ଭାଜପାର ନେତା ଓ ଭାଜପାର ସୋସିଆଲ୍ ମିଡିଆ କଂଗ୍ରେସକୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। କଂଗ୍ରେସ ଦଳର ଲୋଗକୁ ଲଗାଇ ଏକ ମିଛ ପ୍ରଚାର ପତ୍ର ପ୍ରସ୍ତୁତ କରି ଭାଜପା ଶସ୍ତା ରାଜନୀତି କରିବା ସହ ସାଧାରଣ ଲୋକଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି। ଭାଜପାର ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର, ମହିଳା ନେତ୍ରୀ ସ୍ମୃତି ଇରାନୀ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ. ସନ୍ତୋଷଙ୍କ ବିରୋଧରେ ଏହି ଏତଲା ଦିଆଯାଇଛି। ଦେଶର ସୁରକ୍ଷାକୁ ଧ୍ୟାନ ନ ଦେଇ ରାଜନୈତିକ ମାହୋଲ ସୃଷ୍ଟି କରି ରାଜନୀତି କରିବାରେ ଭାଜପା ବ୍ୟସ୍ତ ରହୁଛି ବୋଲି କଂଗ୍ରେସ ଯୁବନେତା ଆଲୋକ ଦାସ, ପୂର୍ବତନ ଜିଲା ଛାତ୍ର ସଭାପତି ଆଶୁତୋଷ ମିଶ୍ରଙ୍କ ସହ ଅନ୍ୟ ନେତାମାନେ ମଧ ଉପସ୍ଥିତ ଥିଲେ।

### ୬,୭୦୦ ଟଙ୍କା ଜରିମାନା ଆଦାୟ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୫(ଡି.ଏନ୍‌.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଗୁରୁବାର ଟାଙ୍ଗୀ ପୋଲିସ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂ ଜୋରଦାର କରାଯାଇଥିଲା। ବିନା ମାସ୍କଧାରୀଙ୍କଠାରୁ ୬,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ବାଇକ୍ ଚାଳକଙ୍କ ନାମରେ ଅନ୍‌ଲାଇନରେ ୬୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ପଠାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ପୃଥକ୍ ସ୍ଥାନରୁ ଚୋରି

**ବାଣପୁର,୨୦।୫(ଡି.ଏନ୍‌.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଚୋରି, ଡକାୟତି ବଢ଼ିବାରେ ଲାଗିଛି। ବାଣପୁର ଥାନା ଗାଲୁଆ ଗ୍ରାମର ଖବରଦାତା ଅନନ୍ତ ଚରଣ ବାରିକଙ୍କ ଘରୁ ବୁଧବାର ରାତିରେ ଦୁଇ ଜଣ ଦୁର୍ବୃତ୍ତ ୧୦ହଜାର ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ଦାଶରଥିପୁର ଗ୍ରାମର ବ୍ରଜସୁନ୍ଦର ସେନାପତିଙ୍କ ନିକଟ ଶାସନ ଗ୍ରାମରେ ଥିବା ଏକ କ୍ୟାବିନ ତାଲା ଭାଙ୍ଗି ୨ହଜାର ଟଙ୍କା ନେଇଯାଇଛନ୍ତି। ଏଥିସହ ବିଭିନ୍ନ ସାମଗ୍ରୀ ନଷ୍ଟ କରି ଦେଇଛନ୍ତି। ଏନେଇ ବାଣପୁର ଥାନାରେ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### କରୋନା ଆକ୍ରାନ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ବୋଲଗଡ଼,୨୦।୫(ଡି.ଏନ୍‌.ଏ.):** ବୋଲଗଡ଼ ବ୍ଲକ ଚୁଡ଼ା ଗ୍ରାମର ପ୍ରଧାନଶିକ୍ଷକ ମନୋଜ କୁମାର ମାନସିଂହଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୫୫ବର୍ଷ ହୋଇଥିଲା। ସେ କରୋନାରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ଚିକିତ୍ସିତ ହେଉଥିଲେ। ଗତ ଗୁରୁବାର ସେ ଛାତିରେ ଯନ୍ତ୍ରଣା ଓ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବାଲକାଟୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ବୁଧବାର ରାତି ୧୦ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ଡାବରଧୁଆ ଗ୍ରାମସ୍ଥିତ ବାଙ୍କନିଧି ନୋଡାଲ ଏମ.ଇ. ସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ସେ ଜଣେ ଶିକ୍ଷକ ନେତା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକମହଲ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୋଭିଡ୍ ନିୟମାନୁସାରେ କଟକରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ନୂତନ ଥାନାଧିକାରୀଙ୍କ ଯୋଗଦାନ

**ନିରାକାରପୁର,୨୦।୫(ଡି.ଏନ୍‌.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ଗୀତାଞ୍ଜଳି ନାୟକ ଯୋଗ ଦେଇଛନ୍ତି। ପୂର୍ବରୁ ସେ ଖୋର୍ଦ୍ଧା ପୋଲିସ ହେଡ୍ ଅଫିସରେ କାର୍ଯ୍ୟରତ ଥିଲେ। ସେହିପରି ଜଙ୍କିଆ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଭବାନୀ ଶଙ୍କର ଖୁଣ୍ଟିଆ ଯୋଗ ଦେଇଛନ୍ତି। ସେ ପୂର୍ବରୁ ନିରାକାରପୁର ଥାନାରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ରହି କାର୍ଯ୍ୟ ତୁଲାଇଥିଲେ। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ, ଚୋରି, ଡକାୟତି ଓ ରାହାଜାନିକୁ ରୋକିବା ଲାଗି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି।

# ଦୁର୍ଦ୍ଦଶାରେ କଂସା ପିତ୍ତଳ କାରିଗର

**ଖୋର୍ଦ୍ଧା ଅଫିସ,୨୦।୫**

**ଜୀବିକା ପ୍ରଭାବିତ କରିଛି ଲକ୍‌ଡାଉନ୍**
- କଞ୍ଚାମାଲ, ପ୍ରୋତ୍ସାହନ ଅଭାବ
- କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ଲକ୍‌ଡାଉନ ଓ ଶଟ୍‌ଡାଉନ ମଧ୍ୟରେ କଂସାପିତ୍ତଳ କାରିଗରଙ୍କ ଜୀବିକା ପ୍ରଭାବିତ ହୋଇଛି। ବିକ୍ରିବଟା ବନ୍ଦ ଥିବାବେଳେ କଞ୍ଚାମାଲ ଅଭାବରୁ କାମ ଧିମେଇଛି। ଫଳରେ ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବିଶେଷକରି ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତ ଅଧୀନ ମୁକ୍ତାପୁର ଗ୍ରାମର କଂସା ପିତ୍ତଳ କାରିଗରଙ୍କ ଅବସ୍ଥା ଦୁର୍ବିଷହ ହୋଇଛି।

ଦିନ ଥିଲା, କଂସା ପିତ୍ତଳ କାରିଗରଙ୍କ ହାତଗଢ଼ା ସାମଗ୍ରୀର ଢ଼େର୍ ଚାହିଦା ଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବେପାରୀମାନେ ଆସି ସାମଗ୍ରୀ କିଣି ନେଉଥିଲେ। ବେପାର ଭଲ ଚାଲିଥିଲା। ମାତ୍ର ବଜାରରେ ଷ୍ଟିଲ, ପ୍ଲାଷ୍ଟିକ୍ ଓ ଫାଇବର ସାମଗ୍ରୀ ପ୍ରବେଶ କରିବା ପରଠୁ ପିତ୍ତଳ ଶିଳ୍ପ ପାଇଁ ଏକପ୍ରକାର ବିପଦ ମାଡ଼ି ଆସିଛି। କଞ୍ଚାମାଲ ଓ କାଠ କୋଇଲା ଅଭାବ ଯୋଗୁ କୌଳିକ ବୃତ୍ତିକୁ ଛାଡ଼ି ଅନେକ କାରିଗର ଏବେ ମୂଲ ଲାଗିଲେଣି। ପୂର୍ବରୁ ୫୦ରୁ ଉର୍ଦ୍ଧ୍ୱ ପରିବାର କମାରଶାଳ କରି ଗୁଜରାଣ ମେଣ୍ଟାଉଥିବାବେଳେ ଏବେ କେତେଜଣ ହାତଗଣତି କାରିଗର ନିଜ ବୃତ୍ତିକୁ ଜାବୁଡ଼ି ଧରିଛନ୍ତି। ତେବେ କଞ୍ଚାମାଲ୍‌ର ଅଭାବ ଓ ମୂଲ୍ୟ ବୃଦ୍ଧି ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ନାହିଁ। ତେଣୁ ବୃତ୍ତିଠାରୁ ଯୁବପିଢ଼ି ଦୂରେଇ ଯାଉଥିବାରୁ ଏହି ଶିଳ୍ପର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରିଗର ଅଭିରାମ ମହାରଣା କହିଛନ୍ତି, ପ୍ରଥମେ ପିତ୍ତଳକୁ ତରଳାଇ ୨୦୦ ଗ୍ରାମ, ୫୦୦ ଗ୍ରାମ, ୧ କେଜି ପ୍ରଭୃତି ଓଜନର ଧାତୁ କରାଯାଏ। ଏହାପରେ ଗରମ ଧାତୁକୁ ବାଡ଼େଇ ବାଡ଼େଇ ସାମଗ୍ରୀ ତିଆରି କରାଯାଏ। କଂସାରି ସଂଘ ସମ୍ପାଦକ ବନମାଳି ଦାସ କହିଛନ୍ତି, ଦିନ ଥିଲା, ବିବାହ ବ୍ରତ ପ୍ରଭୃତି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ କଂସା ପିତ୍ତଳ ସାମଗ୍ରୀର ବହୁଳ ବ୍ୟବହାର ହେଉଥିଲା। କିନ୍ତୁ ଏବେ ଧିରେ ଧିରେ ତାହା ଲୋପ ପାଇବାକୁ ବସିଲାଣି। ସେହିପରି ପରିଶ୍ରମ ଅନୁଯାୟୀ ଫଳ ପାଉ ନ ଥିବା ପ୍ରମୋଦ ଦାସ ଓ ପ୍ରଫୁଲ୍ଲ ଦାସ ପ୍ରମୁଖ କହିଛନ୍ତି। ସରପଞ୍ଚ ବିଜୟ କୁମାର ଦାସ କହିଛନ୍ତି, ଏହି ଶିଳ୍ପର ବିକାଶ ଲାଗି ସରକାର ବିଶେଷ ଗୁରୁତ୍ୱ ଦେବା ଉଚିତ। ଏମାନଙ୍କ ଦକ୍ଷତା ବିକାଶ, ଆଧୁନିକ ଜ୍ଞାନକୌଶଳରେ ସାମଗ୍ରୀ ନିର୍ମାଣ ପାଇଁ ତାଲିମ ବ୍ୟବସ୍ଥା ସହ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଏହି ଶିଳ୍ପର ପୁନରୁଦ୍ଧାର ହୋଇପାରିବ। ଯୁବପିଢି ମଧ ଏଥିପ୍ରତି ଆକୃଷ୍ଟ ହେବେ।


କମାରଶାଳରେ କାରିଗରମାନେ ପାତ୍ର ପ୍ରସ୍ତୁତ କରୁଛନ୍ତି।

# ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବୈଠକ**

**ଖୋର୍ଦ୍ଧା ଅଫିସ,୨୦।୫**

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲରେ ଭିଡିଓ କନ୍‌ଫରେନ୍ସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ୍ ମହାନ୍ତି ଅଧକ୍ଷତା କରିଥିଲେ। ଜିଲାରେ ବାତ୍ୟା ହେବାକୁ ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ଲୋକଙ୍କ ନିରାପତ୍ତା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକ ଅନୁଯାୟୀ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ, ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଆଶ୍ରୟସ୍ଥଳରେ ବିଦ୍ୟୁତ୍, ପାନୀୟ ଜଳ, ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା ରହିବା ସହ ଜରୁରିକାଳୀନ ଉପକରଣ ରଖାଯିବ। ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ସହ ବିଭିନ୍ନ ବିଭାଗ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବେ। ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ କୁମାର ଦାସ ପଟ୍ଟନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ଉପଜିଲାପାଳ (ଭୁବନେଶ୍ୱର) ଦେବବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟ ଅଧିକାରୀ।

## ଶ୍ରମିକଙ୍କୁ ସହାୟତା ଦାବି

**ବେଗୁନିଆ,୨୦।୫(ଡି.ଏନ୍‌.ଏ.)**

କରୋନା ମହାମାରୀ ବିଶ୍ୱବାସୀଙ୍କ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି। ଏଥିରେ ବିଭିନ୍ନ ବର୍ଗର ଶ୍ରମିକମାନେ ସେମାନଙ୍କ ଜୀବିକା ହରାଇଛନ୍ତି। ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ସରକାର ବିଚାର କରିବା ସହ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରନ୍ତୁ। ଏନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବଗତି ନିମନ୍ତେ ବିଡିଓ ରଶ୍ମିରେଖା ଦାସଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରତି ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ରର ବ୍ୟବସ୍ଥା କରାଯାଉ। ପରିବହନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଉ। ବର୍ଷ ବର୍ଷ ଧରି ପଡ଼ିରହିଥିବା ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଉ। ଜବ୍‌କାର୍ଡଧାରୀଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ୨୦୦ ଦିନର କାର୍ଯ୍ୟ ଯୋଗାଇଦେବା ସହ ପରିସ୍ଥିତି ମୁକାବିଲା ଲାଗି ସେମାନଙ୍କୁ ୫୦୦୦ ଟଙ୍କା ଯୋଗାଇ ଦିଆଯାଉ। ଏହି ସମୟରେ ଶ୍ରମିକଙ୍କଠାରୁ ଋଣ ଆଦାୟ ସ୍ଥଗିତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବେଗୁନିଆ ମଜଦୁର ସଭ୍ୟ ଅକ୍ଷୟ ରଥ, ଶିବ ମୁନୀ, ଅଜୟ ମାର୍ଥା, ଅକ୍ଷୟ ରାଉତରାୟ, ଅସିତ ତ୍ରିପାଠୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଜଟଣୀ/ଡେଲାଙ୍ଗ,୨୦।୫(ଡି.ଏନ୍‌.ଏ.)**

ଗୋଡ଼ିପୁଟ ମାଟିଆପଡ଼ାର ସାମାଜିକ କର୍ମୀ ତଥା ଆଞ୍ଚଳିକ ଯୁବ ପରିଷଦ ଗୋଡ଼ିପୁଟ ମାଟିଆପଡା ସଂଘର ସମ୍ପାଦକ ସ୍ୱର୍ଗତ ଭାସ୍କର ଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଐତିହାସିକ ବୌଦ୍ଧପୀଠ, ଅରାଗଡ଼ ପାହାଡ଼ ପାଦଦେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଦମୟନ୍ତୀ ନିଶଙ୍କ, ପୂର୍ବତନ ସରପଞ୍ଚ ଦୁର୍ବାସା ନିଶଙ୍କ, ପର୍ଶୁରାମ ବିଧାର, ଧନଞ୍ଜୟ ହରିଚନ୍ଦନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଆଞ୍ଚଳିକ ଯୁବ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ୍‌କୁ ଧକ୍କା ଦେଲା ହାଇୱା

**ଜଣେ ମୃତ, ୨ ଗୁରୁତର**

**ବେଗୁନିଆ,୨୦।୫(ଡି.ଏନ୍‌.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି।

ପୂର୍ବାହ୍ନରେ ହାଇୱା ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଙ୍କୀ ଥାନା ଅଧୀନ ନରଗାଙ୍ଗ ଗ୍ରାମର ଡାକ ନାୟକ(୧୬)। ଗୁରୁତର ନରଗାଙ୍ଗ ଗାଁର ବାସୁ ଓ ରାମଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନରଗାଙ୍ଗ ଗ୍ରାମର ଡାକ ଏବଂ ୩ ସାଙ୍ଗ ବାବୁନା,ରାମ ଓ ବାସୁ ମିଶି ଏକ ବାଇକ୍‌ରେ ପୂର୍ବାହ୍ନ ୧୧ଟାରେ କୌଣସି କାର୍ଯ୍ୟରେ ବେଗୁନିଆ ବଜାର ଅଭିମୁଖେ ଯାଉଥିଲେ। ପଛପଟୁ ଆସୁଥିବା ଏକ ହାଇୱା ସେମାନଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଡାକଙ୍କ ମୃତ୍ୟୁ ହୋଇଥିବା ବେଳେ ବାସୁ ଓ ରାମ ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିଥିଲା। ଉଭୟ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୋଲିସ ଦୁର୍ଘଟଣା ସ୍ଥଳରେ ଡେରିରେ ପହଞ୍ଚିବାରୁ ମୃତଦେହକୁ କାଉ ଝୁଣି ପକାଇଥିଲେ। ଥାନାଠାରୁ ଦୁର୍ଘଟଣାସ୍ଥଳ ୨୦୦ ମିଟର ଦୂରରେ ହୋଇଥିବାରୁ ପୋଲିସ ବିଳମ୍ବରେ ପହଞ୍ଚିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏସ୍‌ଆଇ ଗାୟତ୍ରୀ ଗୋଛାୟତଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନ ଥିଲା।

## ୩୦୯ ପଜିଟିଭ୍, ୨୦୩ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୦।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ଗୁରୁବାର ୩୦୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩୩, ବାଲିପାଟଣା ୩୪, ଭୁବନେଶ୍ୱର ବ୍ଲକ ୧୩, ଜଟଣୀ ୩୮,ଖୋର୍ଦ୍ଧା ୪୯, ବେଗୁନିଆ ୨୪, ବୋଲଗଡ ୨୮, ଟାଙ୍ଗୀ ୩୫, ଚିଲିକା ୨୬ ଓ ବାଣପୁରର ୨୯ଜଣ ରହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଉପଖଣ୍ଡରେ ଗୁରୁବାର ସୁଦ୍ଧା ମୋଟ ୨,୫୬୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୧,୭୮୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୯୬୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ତନ୍ମଧ୍ୟରୁ ୮୮୮ ଘରୋଇ ସଙ୍ଗରୋଧ ଏବଂ ୮୦ଜଣ କୋଭିଡ୍ ମେଡିକାଲ୍‌ରେ ଚିକିତ୍ସାଧୀନ ଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

# ଅମାନିଆଙ୍କୁ ସାବାଡ଼ ପାଇଁ ଫୁଟ୍ ପାଟ୍ରୋଲିଂ

**ଖୋର୍ଦ୍ଧା ଅଫିସ,୨୦।୫**

ଖୋର୍ଦ୍ଧା ଜିଲାରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ସଂକ୍ରମଣ ରୋକିବା ପାଇଁ ସରକାର ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୈନିକ ସମୟ ୪ଘଣ୍ଟା ରଖିଛନ୍ତି। ବିନା କାରଣରେ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ଏହା ସତ୍ତ୍ୱେ କେତେଜଣ ଅମାନିଆ ବିନା କାରଣରେ ବାହାରେ ବୁଲୁଛନ୍ତି। ଏନେଇ ଗୁରୁବାର ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫୁଟ୍ ପାଟ୍ରୋଲିଂ କରାଯାଇଛି। ପ୍ରଶାସନ ଓ ପୋଲିସ ଅଧିକାରୀମାନେ ସହରରେ ଚାଲିଚାଲି ଅମାନିଆ ବାଇକ୍ ଓ କାର ଚାଳକଙ୍କୁ ତାଗିଦ୍ କରିବା ସହ ଜରିମାନା ଆଦାୟ କରିଛନ୍ତି। ପ୍ରଥମେ ନୂଆ ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ ଛକ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଏବଂ ସମବାୟ ଛକରେ ପୋଲିସ ପକ୍ଷରୁ ନାକାବନ୍ଦୀ କରାଯାଇ ଜୋରଦାର ଚେକିଂ କରାଯାଇଥିଲା। ଏହା ଦେଖି କେତେକ ଦୋକାନୀ ଭୟରେ ଦୋକାନ ବନ୍ଦ କରି ଦେଇଥିଲେ। ସେବାଭୁକ୍ତ କର୍ମଚାରୀ, ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକଙ୍କୁ ବାଦ୍ ଦେଲେ ବଜାରରେ ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଔଷଧ ଚିଠା ଧରି ବଜାରରେ ବୁଲୁଥିବା ବାଇକ୍ ଚାଳକମାନେ ଭୟରେ ଗଳିକନ୍ଦିରେ ଚମ୍ପଟ୍ ମାରିଥିଲେ। ତହସିଲଦାର ପଦ୍ମଚରଣ ସାହୁ, ଡିଏସ୍‌ପି ଏସ୍.କେ. ପଣ୍ଡା, ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବହୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ। ଏହିଅଭିଯାନ ଜୋରଦାର କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।



ଖୋର୍ଦ୍ଧା ସହରରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଫୁଟ୍ ପାଟ୍ରୋଲିଂ କରାଯାଉଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଟିନୁ


@ ଦେବରାଜ୍


@ ରଶ୍ମିରଞ୍ଜନ


@ ସ୍ମିତିପ୍ରଜ୍ଞା


@ ଦେବାଶିଷ


@ ତୁଷାର


@ ରଞ୍ଜିତ୍

## ଶ୍ମଶାନ ଜମିରେ ପାର୍କ ନିର୍ମାଣ ଅଭିଯୋଗ

**ବେଗୁନିଆ,୨୦।୫**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅଧୀନ ଗଁପୁର ମୌଜାସ୍ଥିତ ଶ୍ମଶାନ ଜମିରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପାର୍କ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ସରକାରୀ ନିୟମାନୁସାରେ କରାଯାଉ ନାହିଁ। ଏନେଇ ସିମୋର ଗ୍ରାମର ଗୌରାଙ୍ଗ ଚରଣ ପ୍ରହରାଜଙ୍କ ସମେତ କେତେଜଣ ବୁଦ୍ଧିଜୀବୀ ସ୍ଥାନୀୟ ବିଡିଓ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ଗାନ୍ଧୀ ଓ ବାପୁ ଦୁଇଟି ପାର୍କ ନାମରେ ନିର୍ମାଣାଧୀନ ଏହି ପ୍ରକଳ୍ପକୁ ଗ୍ରାମ୍ୟ ଉନ୍ନୟନ ପାଣ୍ଠି ଏବଂ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଣ୍ଠିରୁ ୩୫ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ନିର୍ମାଣ ପରେ ଦୁଇଟି କିସ୍ତିରେ ୭୦% ପ୍ରତିଶତ ବିଲ୍ ମଞ୍ଜୁର କରାଯାଇଛି। ତେବେ ଶେଷ ପର୍ଯ୍ୟାୟ ବିଲ୍‌କୁ ବନ୍ଦ କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଗୋଚର ଓ ଶ୍ମଶାନ ଜମିରେ ସରକାରୀ ପ୍ରକଳ୍ପ ନିର୍ମାଣ ପାଇଁ ନିୟମ ନ ଥିବାବେଳେ ସରକାରୀ ଅଧିକାରୀମାନେ ଜମିର କିସମ କ'ଣ ରହିଛି ନ ଦେଖି କିଭଳି କାର୍ଯ୍ୟାଦେଶ ଦେବା ସହ ଅର୍ଥ ମଧ ମଞ୍ଜୁର କରିଛନ୍ତି, ତାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଏହି ପଞ୍ଚାୟତ ଅଞ୍ଚଳରେ ପୂର୍ବରୁ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଖେଳପଡ଼ିଆ, ପାଠାଗାର, କଲ୍ୟାଣମଣ୍ଡପ ଆଦି ବେଆଇନ ଭାବେ ନିର୍ମାଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ମଧ ହାଇକୋର୍ଟରେ ପିଟିଶନ ନଂ.୧/୨୦,୧୩୬/୧୮ ଓ ୮୫୫୭/୨୧ ଦାଏର ହୋଇଛି। ଶ୍ମଶାନ ଜମିରେ ପାର୍କ ନିର୍ମାଣ କରାଯାଉଥିବା ନେଇ ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗ ପାଇବା ପରେ ଉକ୍ତ ଜମି କେଉଁ କିସମ ରହିଛି ଜାଣିବା ପାଇଁ ତହସିଲଦାରଙ୍କ ସହଯୋଗ ଲୋଡ଼ାଯାଇଛି। ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।